ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at www.paryabekhyak.com

FIND US ON facebook.com/paryabekhyak

FOLLOW US ON TWITTER twitter.com/paryabekhyak

Vol.25 . No.244 Bhubaneswar Friday November 18 2022 | ୨୫ତମ ବର୍ଷ ସଂଖ୍ୟା–୨୪୪ ଭୁବନେଶ୍ୱର, ଶୁକ୍ରବାର, ନଭେମ୍ବର ୧୮, ୨୦୨୨ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹ 1.50 (Air Surcharge - 0.50P) Member-INS

## ମହଙ୍ଗା ପଡିଲା ରାଗିଂ: କଲେଜରୁ ତଡା ଖାଇଲେ ୧୨ ଛାତ୍ର, ବନ୍ଧା ହେଲେ ୫






ବ୍ରହ୍ମପୁର, ୧୭।୧୧(ପି.ଏନ): ଛାତ୍ରଙ୍କୁ ମହଙ୍ଗା ପଡିଛି ରାଗିଂ। ବ୍ରହ୍ମପୁର ବିନାୟକ ଆଚାର୍ଯ୍ୟ କଲେଜରୁ ବିଦା ହେବେ ରାଗିଂ କରିଥିବା ଛାତ୍ର। ଏନେଇ ସୂଚନା ଦେଇଛନ୍ତି ଅଧକ୍ଷା ପ୍ରମିଳା ଖାଡ଼ଙ୍ଗା। ଅନ୍ୟପକ୍ଷରେ ବ୍ରହ୍ମପୁର ଏସ୍‌ପି ଶ୍ରବଣା ବିବେକ ଏମ୍ କହିଛନ୍ତି, ଭାଇରାଲ୍ ଭିଡିଓରେ ଥିବା ସମସ୍ତ ୧୨ ଜଣଙ୍କୁ କଲେଜରୁ ତଡ଼ାଯିବ। ଗିରଫ ୫ ଜଣଙ୍କ ମଧ୍ୟରୁ ୩ ଜଣ ସାବାଳକଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ଅନ୍ୟ ୨ ଅଭିଯୁକ୍ତ ନାବାଳକଙ୍କୁ ବାଳସୁଧାର ଗୃହ ପଠା ଯାଇଛି। ରାଗିଂରେ ସଂପୃକ୍ତ ଥିବା ଛାତ୍ରୀମାନଙ୍କ ଉପରେ ମଧ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଏସ୍‌ପି କହିଛନ୍ତି।ବିନାୟକ ଆଚାର୍ଯ୍ୟ କଲେଜ କ୍ୟାମ୍ପସ୍ ?ରେ ଜଣେ +୨ ଛାତ୍ରୀଙ୍କୁ କେତେକ ଛାତ୍ରଛାତ୍ରୀ ରାଗିଂ କରୁଥିଲେ। +୩ ଛାତ୍ର ଅଭିଷେକ ନାହାକ ଓ ତାଙ୍କ ସାଥୀମାନେ ଠେଙ୍ଗା ଧରି ଜଣେ ଛାତ୍ରୀଙ୍କ ଗାଲକୁ କିସ୍ ଦେବାକୁ ଜଣେ ଛାତ୍ରଙ୍କୁ କହୁଥିଲେ। ଛାତ୍ର ଜଣକ ଅସହାୟ ହୋଇ ଭୟରେ ଛାତ୍ରୀଙ୍କ ଗାଲ୍‌କୁ କିସ୍ ଦେଉଥିଲେ ଓ ଆଇ ଲଭ୍ ୟୁ କହୁଥିଲେ। ଅଭିଷେକ ଓ ତାଙ୍କ ସାଥୀ (ଛାତ୍ରଛାତ୍ରୀ)ମାନେ ଅଶ୍ଳୀଳ ଭାଷାରେ ଗାଳି ମଧ ଦେଉଥିଲେ। ଯାହାର ଭିଡିଓ ସୋଶାଲ୍ ମିଡିଆରେ ଭାଇରାଲ୍ ହୋଇଥିଲା। ଶେଷରେ ଭିଡିଓଟି ପୁଲିସ୍ ପାଖରେ ପହଞ୍ଚିଥିଲା।ବିନାୟକ ଆଚାର୍ଯ୍ୟ କଲେଜ କ୍ୟାମ୍ପସ୍‌ରେ ହୋଇଥିବା ରାଗିଂ ଭିଡିଓଟି ଭାଇରାଲ୍ ହେବା ପରେ ବିଭିନ୍ନ ମହଲରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ପୁଲିସ୍ ନିଜ ଆଡୁ ମାମଲା ରୁଜୁ କରିଥିଲା। ଘଟଣାର ତଦନ୍ତ ପାଇଁ କଲେଜ ଅଧକ୍ଷାଙ୍କୁ କହିଥିଲା। ଏପରିକି ଅଧକ୍ଷାଙ୍କୁ ଗ ଭାଇରାଲ୍ ହେଉଥିବା ଭିଡିଓଟି ଦେଇଥିଲା ପୁଲିସ୍।ଭାଇରାଲ୍ ଭିଡିଓକୁ ନେଇ ଆଜି କଲେଜ କ୍ୟାମ୍ପସରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା। ବୈଠକ ପରେ କଲେଜ ଅଧକ୍ଷା ପ୍ରମିଳା ଖଡଙ୍ଗା କହିଛନ୍ତି, ଆଜି ଆଣ୍ଟି ରାଗିଂ କମିଟି ଓ ଶୃଙ୍ଖଳା କମିଟିର ବୈଠକ ବସିଥିଲା। ପୂରା ଘଟଣା ଉପରେ ଆଲୋଚନା ହୋଇଥିଲା। ଏହା ପରେ ଦୁଇ କମିଟି ମୋତେ ଗୋଟିଏ ରିପୋର୍ଟ ଦେଇଛନ୍ତି। ଯେଉଁଥିରେ +୩ର ଛାତ୍ର ଅଭିଷେକ ନାୟକ ଓ ଅନ୍ୟ ଜଣେ ଛାତ୍ରଙ୍କୁ କଲେଜରୁ ବାହାର କରିଦେବାକୁ ନିଷ୍ପତ୍ତି ହୋଇଛି। ଏହାଛଡା ସେମାନଙ୍କ ସାଙ୍ଗରେ ଥିବା +୨ ପ୍ରଥମ ଓ ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀଙ୍କୁ ଚିହ୍ନଟ କରାଯାଉଛି। ସେମାନଙ୍କୁ ଟିସି ଦିଆଯାଇ କଲେଜରୁ ବାହାର କରିଦିଆଯିବ। ଏଥିରେ ଅନ୍ୟ ଯେଉଁ ପିଲାଙ୍କ ସମ୍ପୃକ୍ତି ଥିବା ପ୍ରମାଣ ମିଳିଲେ, ସେମାନଙ୍କୁ କଲେଜରୁ ବାହାର କରିଦିଆଯିବ। ଏନେଇ ଗଣ ଶିକ୍ଷା ବିଭାଗ ଓ ବିଶ୍ୱବିଦ୍ୟାଳୟକୁ ଜଣାଇ ଦିଆଯାଇଛି। ଏପରି ଘଟଣା ଯେପରି ଆଗକୁ ନଘଟିବ, ସେଥିପ୍ରତି ଧ୍ୟାନ ଦିଆଯିବ ବୋଲି ଅଧା କହିଛନ୍ତି। ବ୍ରହ୍ମପୁର ଏସ୍‌ପି ଶ୍ରବଣା ବିବେକ ଏମ୍ କହିଛନ୍ତି, ସୁପ୍ରିମକୋର୍ଟଙ୍କ ଗାଇଡ୍‌ଲାଇନ୍ ଅନୁସାରେ ପ୍ରତି ଶିକ୍ଷାନୁଷ୍ଠାନରେ ଇଣ୍ଟରନାଲ୍ ଆଣ୍ଟି ରାଗିଂ ସେଲ୍ ରହିବା କଥା। ଯେଉଁଥିରେ ବରିଷ୍ଠ ଶିକ୍ଷକ, ଛାତ୍ରଛାତ୍ରୀ ଓ ଅଭିଭାବକମାନେ ସଦସ୍ୟ ରହିବେ। ଆଉ ଯେତେବେଳେ ନୂଆ ବ୍ୟାଚ୍‌ର ଛାତ୍ରଛାତ୍ରୀମାନେ ଆଡ୍‌ମିସନ ପରେ ରାଗିଂରେ ସମ୍ମୁଖୀନ ହେବେ, ସେମାନେ ଆଣ୍ଟି ରାଗିଂ ସେଲ୍‌ରେ ଅଭିଯୋଗ କରିବେ। ଛାତ୍ରଛାତ୍ରୀଙ୍କ ଅଭିଯୋଗକୁ ଆଣ୍ଟି ରାଗିଂ ସେଲ୍ ତର୍ଜମା କରିବ। ଯଦି ମାମଲାଟି ସାମାନ୍ୟ ହୋଇଥିବ, ତାହାହେଲେ ରାଗିଂ କରୁଥିବା ଛାତ୍ର ବା ଛାତ୍ରୀଙ୍କୁ ଚେତାବନୀ ଦିଆଯିବ। ଆଉ ଯଦି ରାଗିଂ ଅଭିଯୋଗ ସଙ୍ଗୀନ ହୋଇଥିବ, ତାହାହେଲେ ଆଣ୍ଟି ରାଗିଂ ସେଲ୍ ଥାନାରେ ଅଭିଯୋଗ କରିବ। ପୁଲିସ ସେମାନଙ୍କ ବିରୋଧରେ ଅପରାଧିକ ମାମଲା ରୁଜୁ କରିବ।

## ଲିଭ ଇନ ପାର୍ଟନରଙ୍କୁ ହତ୍ୟା: ଅଫତାବର ହେବ ମିଛ ଧରା ପରୀକ୍ଷା, ରିମାଣ୍ଡ ଅବଧି ବଢ଼ିଲା



ନୂଆଦିଲ୍ଲୀ: ନିଜର ଲିଭ ଇନ ପାର୍ଟନରଙ୍କ ଶ୍ରଦ୍ଧା ୱାଲକରଙ୍କୁ ଅତ୍ୟନ୍ତ ନିର୍ମମ ଭାବେ ହତ୍ୟା କରିଥିବା ଅଫତାବ ଅମୀନ ପୁନାୱାଲାର ହେବ ମିଛ ଧରା ପରୀକ୍ଷା। ସେ ବାରମ୍ବାର ନିଜର ବୟାନ ବଦଳାଉଥିବାରୁ ଦିଲ୍ଲୀ ପୁଲିସ୍ ତା'ର ମିଛ ଧରା ପରୀକ୍ଷା କରିବାକୁ ଚାହୁଁଥିଲା। ଏଥିପାଇଁ ଆଜି ଦିଲ୍ଲୀର ଗୋଟିଏ କୋର୍ଟ ଅନୁମତି ଦେଇଛନ୍ତି। ମିଛ ଧରା ପରୀକ୍ଷା ସହ ଅଫତାବର ନାର୍କ ଆନାଲିସସ ଟେଷ୍ଟ ପାଇଁ କୋର୍ଟଙ୍କ ଗ୍ରୀନ ସିଗ୍ନାଲ ଦେଇଛନ୍ତି।ଏହାବାଦ କୋର୍ଟ ତା'ର ପୁଲିସ ରିମାଣ୍ଡ ଅବଧିକୁ ମଧ ଆଉ ୫ ଦିନ ବଢ଼ାଇ ଦେଇଛନ୍ତି। ଏପରି ଅନୁମତି ପରେ ପୁଲିସ୍ ? ଅଫତାବକୁ ହିମାଚଳ ପ୍ରଦେଶର ପାର୍ବତୀ ଉପତ୍ୟାକା ନେଇ ଘଟଣାର ତଦନ୍ତ କରିବ। କାରଣ ଶ୍ରଦ୍ଧା ଓ ଅଫତାବ ମେ' ମାସରେ ହିମାଚଳ ପ୍ରଦେଶକୁ ବୁଲିବାକୁ ଯାଇଥିଲେ। ସେଠାରୁ ଫେରିବା ପରେ ଅଫତାବ ମେ' ୧୮ରେ ଶ୍ରଦ୍ଧାଙ୍କୁ ତଣ୍ଟି ଚିପି ହତ୍ୟା କରିଥିଲା।ଆହୁରି ପଢ଼ନ୍ତୁ ଏହାପରେ ତାଙ୍କ ମୃତଦେହକୁ ଦୀର୍ଘ ୧୦ ଘଣ୍ଟାର ପରିଶ୍ରମ କରି ୩୫ ଖଣ୍ଡରେ ପରିଣିତ କରିଥିଲା। ଶେଷରେ ଏହାକୁ ନେଇ ଦିଲ୍ଲୀର ମେହରୁଲ ଜଙ୍ଗଲରେ ପର୍ଯ୍ୟାୟକ୍ରମେ ଫିଙ୍ଗି ଦେଇଥିଲା। ଖାଲି ସେତିକି ନୁହେଁ, ସେ ଶ୍ରଦ୍ଧାଙ୍କ ମୁଣ୍ଡକୁ ମଧ ପୋଡି ଦେଇଥିବା ଜଣାପଡିଛି। ଏହି ଘଟଣା ସାମ୍ନାକୁ ଆସିବା ପରେ ସାରା ଦେଶରେ ହଇଚଇ ସୃଷ୍ଟି ହୋଇଛି।ପୁଲିସ ମଧ ଘଟଣାକୁ ବେଶ ଗୁରୁତ୍ୱର ସହ ନେଇ ତଦନ୍ତ କରୁଛି। ଆଜି ଅଫତାବର ରିମାଣ୍ଡ ଅବଧି ସରୁଥିବାରୁ ତା'କୁ କୋର୍ଟରେ ଭିଡିଓ କନଫରେନ୍ସିଂ ଦ୍ୱାରା ହାଜର କରାଯାଇଥିଲା। ଶୁଣାଣି ପୂର୍ବରୁ କୋର୍ଟ ବାହାରେ ଆଇନଜୀବୀମାନେ ଅଫତାବକୁ ଫାଶୀ ଖୁଣ୍ଟରେ ଝୁଲାଇ ଦେବାକୁ ଦାବି କରି ନାରାବାଜୀ କରିଥିଲେ। ଆଇନଜୀବୀଙ୍କ ଆକ୍ରୋଶକୁ ଦେଖି ପୁଲିସ୍ ଅଫତାବକୁ ଭିଡିଓ କନଫରେନ୍ସିଂ ଜରିଆରେ ହାଜର କରିଥିବା ଜଣାପଡିଛି।ପୁଲିସ୍ ଗତ ଶୁକ୍ରବାର ଅଫତାବକୁ ଶ୍ରଦ୍ଧାଙ୍କ ହତ୍ୟା ଘଟଣାରେ ଗିରଫ କରିଥିଲା। ଏହାର ଦିନକ ପରେ ଅର୍ଥାତ ଶନିବାର ଠାରୁ ତାଙ୍କୁ ୫ ଦିନିଆ ରିମାଣ୍ଡରେ ନେଇ ଜେରା କରୁଥିଲା। ଆଜି ପୁଲିସ ଆଉ ୫ ଦିନ ଅଫତାବକୁ ରିମାଣ୍ଡରେ ନେଇଛି। ଶ୍ରଦ୍ଧାଙ୍କ ମୋବାଇଲ ଫୋନ ଓ ମୃତଦେହକୁ ଖଣ୍ଡଖଣ୍ଡ କରିବା ପାଇଁ ବ୍ୟବହାର ହୋଇଥିବା ଛୁରୀକୁ ପୁଲିସ ଏଯାଏ ପାଇନି। ତେଣୁ ଅଫତାବକୁ ରିମାଣ୍ଡରେ ନେବା ଜରୁରୀ ବୋଲି ପୁଲିସ୍ କୋର୍ଟରେ ଯୁକ୍ତି ରଖିଥିଲା।

## ଆୟ ବହିର୍ଭୂତ ସମ୍ପତି ଠୁଳ ମାମଲା : ସହକାରୀ ନିର୍ବାହୀ ଯନ୍ତ୍ରୀ ଗିରଫ

ବାରିପଦା/ କଟକ, ୧୭।୧୧ (ପି.ଏନ): ଆୟ ବହିର୍ଭୂତ ସମ୍ପତି ଠୁଳ ମାମଲାରେ ମୟୁରଭଞ୍ଜ ଜିଲ୍ଲା ଉଦଳା ଉପଖଣ୍ଡ ଆରଡବ୍ଲୁଏସଏସ ସହକାରୀ ନିର୍ବାହୀ ଯନ୍ତ୍ରୀ ରବିନାରାୟଣ ପଣ୍ଡାଙ୍କୁ ଭିଜିଲାନ୍ସ ଗିରଫ କରି କୋର୍ଟଚାଲାଣ କରିଛି।ତାଙ୍କ ନିକଟରୁ ପାଖାପାଖି ୬ କୋଟି ଟଙ୍କାର ସମ୍ପତି ଜବତ ହୋଇଛି। ଯେଉଁଥିରେ ଭୁବନେଶ୍ୱରରେ ଏକ ତିନିମହଲା କୋଠା, ଏକ ଫ୍ଲାଟ ଓ ୨ଟି ଦୋକାନ ଘର ଏବଂ ଭୁବନେଶ୍ୱର, କଟକ ଓ କେନ୍ଦ୍ରାପଡ଼ାରେ ୧୨ଟି ପ୍ଲଟ, ୧.୨ କୋଟିରୁ ଅଧିକ ଜମା ଟଙ୍କା, ନଗଦ ଟଙ୍କା ୨୮.୦୯ ଲକ୍ଷ, କ୍ରେଡିଟ୍ କାର୍ଡ କାରବାର ପ୍ରାୟ ୧କୋଟି, ସୁନା ୨.୩ କେଜି ଇତ୍ୟାଦି ରହିଛି।

## ପଦ୍ମପୁର ଉପନିର୍ବାଚନ ପାଇଁ ନାମାଙ୍କନ ପତ୍ର ଦାଖଲ ଶେଷ

ପଦ୍ମପୁର/ଭୁବନେଶ୍ୱର, ୧୭।୧୧ (ପି.ଏନ): ପଦ୍ମପୁର ଉପନିର୍ବାଚନ ପାଇଁ ଗୁରୁବାର ନାମାଙ୍କନ ପତ୍ର ଦାଖଲ ଶେଷ ହୋଇଛି। ଉପନିର୍ବାଚନ ମଇଦାନରେ ରହିଛନ୍ତି ସମୁଦାୟ ୧୩ ଜଣ ପ୍ରାର୍ଥୀ। ଶେଷ ଦିନରେ ବିଜୁ ଜନତା ଦଳ ପ୍ରାର୍ଥୀ ବର୍ଷାରାଣୀ ସିଂ ବରିହା, ଭାରତୀୟ ଜନତା ପାର୍ଟି ପ୍ରାର୍ଥୀ ବିଧାୟକ ପ୍ରଦୀପ ପୁରୋହିତ , କଂଗ୍ରେସର ପ୍ରାର୍ଥୀ ସତ୍ୟଭୂଷଣ ସାହୁ ଓ ଓଡ଼ିଶା ଜନତା ପାର୍ଟି (ଓଜେପି) ତରଫରୁ ମୁକ୍ତେଶ୍ୱର ଦାସ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଏମାନଙ୍କ ବ୍ୟତୀତ ଜୟନ୍ତ ଥପା, ଶେଷଦେବ ସାହୁ, ବୃନ୍ଦାବନ ପୁରୋହିତ,ମୁକ୍ତେଶ୍ୱର ଦାସ, ରେବତୀ ଗିରି, ଉଦିତ ବଣ୍ଡିଆ, ଦେବାର୍ଚ୍ଚନ ନାଏକ , ବିଦ୍ୟାଧର ପାଣ୍ଡବ ,ଗଙ୍ଗାଧର ସାହାଓ ଦେବବ୍ରତ ସୁନାନୀ ମଧ ନିର୍ବାଚନ ମଇଦାନରେ ଅବତୀର୍ଣ୍ଣ ହୋଇଛନ୍ତି।ପଦ୍ମପୁର ଉପନିର୍ବାଚନ ଲାଗି ପ୍ରାର୍ଥିପତ୍ର ଦାଖଲର ଶେଷ ଦିନରେ ବିଜେପି ପ୍ରାର୍ଥୀ ପ୍ରଦୀପ ପୁରୋହିତ ନାମାଙ୍କନ ଭରିଛନ୍ତି। ଏହି ସମୟରେ ଦଳର ରାଜ୍ୟ ସଭାପତି ସମୀର ମହାନ୍ତି, ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର, ବରଗଡ଼ ସାଂସଦ ସୁରେଶ ପୂଜାରୀ, ବରିଷ୍ଠ ନେତା କନକବର୍ଦ୍ଧନ ସିଂଦେଓ ପ୍ରମୁଖ ଉପସ୍ଥିତ ଥିଲେ।ସେହିପରି ବିଜେଡି ପ୍ରାର୍ଥୀନୀ ବର୍ଷାରାଣୀ ସିଂ ବରିହା ବିଜେଡି ନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ବରିଷ୍ଠ ବିଜେଡିନେତା ପ୍ରସନ୍ନ ଆଚାର୍ଯ୍ୟ ଓ ଶତାଧିକ ସମର୍ଥକଙ୍କ ସହ ଆସି ନାମାଙ୍କ ଦାଖଲ କରିଥିଲେ।

## କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲରେ ବି-ଇଞ୍ଜିନିୟସ୍ ଉଦ୍‌ଘାଟିତ




ଭୁବନେଶ୍ୱର,(ପି.ଏନ): କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍ ଇନୋଭେସନ୍ ଆଣ୍ଡ ବିଜିନେସ୍ ସମ୍ମିଳନୀ ବି-ଇଞ୍ଜିନିୟସ୍ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମ ଥର ଲାଗି କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍‌ରେ ଅନୁଷ୍ଠିତ ଏଭଳି ସମ୍ମିଳନୀ ୧୭ ଓ ୧୮ ଦୁଇ ଦିନ ଧରି ଚାଲିବ। ବି-ଇଞ୍ଜିନିୟସ୍ ସମ୍ମିଳନୀର ବିଷୟବସ୍ତୁ ରହିଛି, 'ସର୍ଜନା ମାଧମରେ ଓ ଉଦ୍ୟୋଗ ମାଧମରେ ସମସ୍ତଙ୍କ ପାଇଁ ଏକ ସ୍ଥାୟୀ ଓ ସମୃଦ୍ଧ ବିଶ୍ୱ ନିର୍ମାଣ'। ସମ୍ମିଳନୀ ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କେନ୍ଦ୍ର ସରକାରଙ୍କ ପ୍ରମୁଖ ବୈଜ୍ଞାନିକ ପରାମର୍ଶଦାତା କାର୍ଯ୍ୟାଳୟର ବୈଜ୍ଞାନିକ ସଚିବ ଡ. ପରବିନ୍ଦର ମାଇନି ଯୋଗ ଦେଇଥିବା ବେଳେ ବିଭାଗୀୟ ପ୍ରାକ୍ତନ ସଚିବ ଡ. ସ୍ୱାତୀ ବାସୁ, ଆଇଆଇଟି ଦିଲ୍ଲୀର ପ୍ରାକ୍ତନ ନିର୍ଦ୍ଦେଶକ ଡ. ଭି ରାମ ଗୋପାଳ ରାଓ ପ୍ରମୁଖ ଯୋଗଦେଇ ବିଜ୍ଞାନ ଓ ସର୍ଜନା ଉପରେ ଗୁରୁତ୍ୱାରୋପ କରିଥିଲେ। ଛାତ୍ରଛାତ୍ରୀମାନେ ଅନିସନ୍ଧିତ୍ସୁ ହେବା ସହ ନୂତନ ସର୍ଜନା ଦିଗରେ ମନୋନିବେଶ କରିବା ଆବଶ୍ୟକ ବୋଲି କହିଥିଲେ। ଭି ରାମ ଗୋପାଳ ରାଓ କହିଲେ, ଦେଶ ଗଠନରେ ଇଂଜିନିୟରିଂ ଓ ଇଂଜିନିୟରମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଇଂଜିନିୟରମାନେ ହିଁ ସାଧାରଣତଃ ସର୍ଜନାକାରୀ। ଏହି ଅବସରରେ ମୋବାଇଲ୍‌ରେ କିଭଳି ଘ୍ରାଣ ଶକ୍ତିର ବିକାଶ ନେଇ ସେ ଗବେଷଣାରତ ବୋଲି କହିଥିଲେ। ଡ. ବାସୁ କହିଲେ ଛାତ୍ରଛାତ୍ରୀମାନେ ସର୍ବଦା ଅନିସନ୍ଧିତ୍ସୁ ହେବା ଉଚିତ। ସେମାନେ ସେମାନଙ୍କ ଜୀବନରେ କଣ ହେବାକୁ ଚାହୁଁଛନ୍ତି ଓ କଣ କରିବାକୁ ଚାହୁଁଛନ୍ତି ତାହା ନିଜେ ନିଷ୍ପତ୍ତି ନେବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଡ. ମାଇନି କହିଲେ, ଛାତ୍ରଛାତ୍ରୀମାନେ ସେମାନଙ୍କର ସାମର୍ଥ୍ୟ ଓ ଦୁର୍ବଳତା ବିଷୟରେ ନିଜେ ଆକଳନ କରିବା ଆବଶ୍ୟକ। ତଦନୁଯାୟୀ ସେମାନେ ନିଜକୁ ଭବିଷ୍ୟତ ପାଇଁ ପ୍ରସ୍ତୁତ କରିପାରିବେ। କିଟ୍ ଗବେଷଣା ବିଭାଗ ମହାନିର୍ଦ୍ଦେଶକ ତଥା କିଟ୍ ଟିବିଆଇର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ମୃତ୍ୟୁଞ୍ଜୟ ସୁଆର କହିଲେ ଛାତ୍ରଛାତ୍ରୀମାନେ ସେମାନଙ୍କ ଚିନ୍ତାଧାରାକୁ ନେଇ ନୂଆ କିଛି କରିବାକୁ ଇଚ୍ଛା ପ୍ରକାଶ କଲେ କିଟ୍ ଟିବିଆଇ ଆବଶ୍ୟକ ସହଯୋଗ ଯୋଗାଇ ଦେବ। କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍‌ର ଚେୟାରପର୍ସନ ଡ. ମୋନାଲିସା ବଳ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ନିର୍ଦ୍ଦେଶକ ଅଧକ୍ଷ ଡ. ସଞ୍ଜୟ ସୁଆର ଅନିସନ୍ଧିତ୍ସୁ, ଯୋଗାଯୋଗ ଓ ସହଯୋଗ ଭଳି ତିନୋଟି ବିନ୍ଦୁ ଉପରେ ଆଲୋକପାତ କରିଥିଲେ।

## ପାରିବାରିକ ସ୍ୱାସ୍ଥ୍ୟକୁ ପ୍ରାଥମିକତା ଦେବା ପାଇଁ ମୁଠାଏ ଆଲମଣ୍ଡ ଖାଇବା ଅଭ୍ୟାସ




ଭୁବନେଶ୍ୱର, ୧୭।୧୧(ପି.ଏନ): ଗ୍ରାହକଙ୍କୁ ମନ ଖାଇବା ଖାଦ୍ୟର ମହତ୍ତ୍ୱ ବିଷୟରେ ଶିକ୍ଷା ପ୍ରଦାନ କରିବା ଉଦ୍ଦେଶ୍ୟରେ କାଲିଫର୍ନିଆର ଆଲମଣ୍ଡ ବୋର୍ଡ ପକ୍ଷରୁ 'ପ୍ରାୟୋରିଟାଇଜିଂ ମାଇଣ୍ଡଫୁଲ୍ ଇଟିଂ: ଦ ନ୍ୟୁ ମନ୍ତ୍ର ଫର୍ ହୋଲିଷ୍ଟିକ ଫ୍ୟାମିଲିହେଲଥ୍' ଉପରେ ଏକ ଅଧିବେଶନ ଆୟୋଜନ କରାଯାଇଛି। ଆମ ପରିବାରଏବଂ ଆମ ପାଇଁ ସାମଗ୍ରିକ ସ୍ୱାସ୍ଥ୍ୟ ସୁନିଶ୍ଚିତ କରିବା ପାଇଁ ସୁସ୍ଥଖାଦ୍ୟ ଖାଇବା ଉପରେ ଗୁରୁତ୍ୱ ଦିଆଯାଇଥିଲା।ଏହି ଅଧିବେଶନରେ ଜଣାଶୁଣା ଓଡିଆ ସେଲିବ୍ରିଟି, ନୈନା ଦାଶତିୱାରୀ, ଏବଂ ଦିଲ୍ଲୀମ୍ୟାକ୍ସହେଲଥ କେୟାରଡାଏଟେଟିକ୍ସର ଆଂଚଳିକ ମୁଖ୍ୟ ରିତିକା ସମାଦାର ଯୋଗଦେଇ ଥିଲେ।ଏହାକୁ ଆରଜେ ଶେଲି ପରିଚାଳନା କରିଥିଲେ। ଆମର ବ୍ୟସ୍ତବହୁଳଜୀବନ ଶୈଳୀରେ ଆମେ ଦେଖିଥାଉ ସାଧାରଣତଃ ଲୋକେ କାମଚାପ ଯୋଗୁଁ ବେଳେବେଳେ ଅଧିକ ଖାଇବା ପିଇବା ଦେଖିଥାଉ। ବେଳେବେଳେ ଖାଇବାରେ ଦୀର୍ଘଦିନ ଧରି ପରିବର୍ତନ ଆସି ଏହା ଅଭ୍ୟାସରେ ପରିଣତ ହୋଇଥାଏ। ମିଠା ଏବଂ ଚିନିଭିତିକ ଖାଦ୍ୟ ପରି ଉଚ୍ଚ କ୍ୟାଲୋରୀ ଯୁକ୍ତଖାଦ୍ୟ ଗ୍ରହଣକରିବା ମଧ ଏକ ନିତ୍ୟବ୍ୟବହାର୍ଯ୍ୟ ଖାଦ୍ୟରେ ପରିଣତ ହୋଇଥାଏ। ତେଣୁମାଇଣ୍ଡ ଫୁଲଇଟିଂ ଜଣଙ୍କରଖାଦ୍ୟ ଖାଇବା ଅଭ୍ୟାସରେ ନିୟନ୍ତ୍ରଣ ପାଇଁ ଜରୁରୀହୋଇ ପଡ଼ିଥାଏ।ମାଇଣ୍ଡ ଫୁଲଇଟିଂଖାଦ୍ୟ ଖାଇବା ସମୟରେ ସଚେତ ନତାବଜାୟ ରଖିବାରେ ସାହାଯ୍ୟ କରେ। ଆଲମଣ୍ଡ ଭଳିଖାଦ୍ୟ ହଜାରହଜାର ବର୍ଷ ଧରିଭାରତୀୟ ପରମ୍ପରା ଏବଂ ଖାଦ୍ୟ ଅଭ୍ୟାସର ଏକ ଅଂଶ ହୋଇଆସୁଛିଏବଂ ଆୟୁର୍ବେଦ, ୟୁନାନି ଓ ସିଦ୍ଧ ଗ୍ରନ୍ଥରେ ଏହାର ସ୍ୱାସ୍ଥ୍ୟଉପକ । ରିତାସମ୍ପର୍କରେ ବହୁଳଭାବରେ ଉଲ୍ଲେଖ କରାଯାଇଛି। ଆଲମଣ୍ଡ ସମ୍ପର୍କରେ କେତେକ ତଥ୍ୟ ଅଳ୍ପ ଜଣାଶୁଣାରହିଛି। ମୁଠାଏ ଆଲମଣ୍ଡ ପୂର୍ଣ୍ଣତାର ଭାବନାକୁ ପ୍ରୋତ୍ସାହିତ କରିଥାଏ। ପ୍ରଥମତଃ ଏହା ଖାଇଲେ ଭୋକକୁ ଦୂର ହୋଇଥାଏ। ଏହା ଆମକୁ କେବଳ ଜଙ୍କ ଫୁଡଖାଇବାଠାରୁ ଦୂରେଇ ରଖେ ନାହିଁବରଂ ଆମ ଶରୀରକୁ ପୁଷ୍ଟିକର ଖାଦ୍ୟ ମଧ ସୁନିଶ୍ଚିତ କରେ।କାରଣ ଏଥିରେଭିଟାମିନଇ, ମ୍ୟାଗ୍ନେସିୟମ, ପ୍ରୋଟିନ, ରିବୋଫ୍ଲାଭିନ, ଜିଙ୍କଇତ୍ୟାଦି ୧୫ଟି ପୁଷ୍ଟିକର ଉତ୍ସ ଥାଏ।ନିୟମିତ ଆଲମଣ୍ଡ ଖାଇବାର ଉପକାରିତା ବିଷୟରେ ପ୍ୟାନେଲିଷ୍ଟମାନେ କହିଥିଲେ ଯେ ବାଦା, ଏହାପ୍ରୋଟିନର ଉତ୍ସ ଏବଂଡାଏଟେରୀ ଫାଇବରରେ ଭରପୁର।ରକ୍ତରେ ଶର୍କରା ସ୍ତର ବଜାୟରଖ ିବାରେଏହାସାହାଯ୍ୟକରିଥାଏ। ଟାଇପ-୨ ମଧୁମେହ ରୋଗୀଙ୍କ ରକ୍ତରେଶର୍କରା ନିୟନ୍ତ୍ରଣରେ ଉନ୍ନତି ଆଣିବାରେ ଏହା ସାହାଯ୍ୟ କରିଥାଏ। କାର୍ବୋହାଇଡ୍ରେଟ ଖାଦ୍ୟର ରକ୍ତରେଶର୍କରା ପ୍ରଭାବକୁଏହା କମ କରିଥାଏ।ଏହା ଫାଷ୍ଟିଂଇନସୁଲିନ ସ୍ତରକୁ ପ୍ରଭାବିତକରିଥାଏ। ଜିଙ୍କ, ଫୋଲେଟଏବଂ ଆଇରନ ପରିପୋଷଣତତ୍ୱ ଏଥିରେ ଥାଏ। ଯାହା ପ୍ରତିରକ୍ଷା ପ୍ରଣାଳୀରସ୍ୱାଭାବିକ କାର୍ଯ୍ୟରେସହାୟ କହୋଇଥାଏ। ସୁସ୍ଥଖାଦ୍ୟର ଗୁରୁତ୍ୱଉପରେ ଧ୍ୟାନ ଦେଇ ପ୍ୟାନେଲିଷ୍ଟମାନେ ଓଜନ ପରିଚାଳନା, ଟାଇପ-୨ ମଧୁମେହ ଏବଂ ହୃଦୟ ସ୍ୱାସ୍ଥ୍ୟ ଭଳି ଜୀବନଶୈଳୀରେ ଦେଖାଦେଉଥିବା ଏକାଧିକସମସ୍ୟା ବିଷୟରେ ଆଲୋଚନା କରିଥିଲେ ଏବଂ ଦୈନନ୍ଦିନ କାର୍ଯ୍ୟର ଏକ ଅଂଶ ଭାବରେ ମୁଠାଏ ଆଲମଣ୍ଡ ସାମିଲ କରିବା ପରିସାମାନ୍ୟ ପରିବର୍ତନ କରିବା ଦ୍ୱାରା ସୁସ୍ୱାସ୍ଥ୍ୟ ବଜାୟ ରଖିବାରେ ସହଜ ହୋଇଥାଏ। ଏହାସୁସ୍ୱାସ୍ଥ୍ୟସହିତଶରୀରକୁ ଫିଟ୍‌ରଖିଥାଏ।ଏହି ଅଧିବେଶନ ମାଧମରେ ପ୍ୟାନେଲିଷ୍ଟମାନେ ସହରର ବିଭିନ୍ନ ପରିବାରକୁ ସ୍ୱାସ୍ଥ୍ୟ କରଖାଦ୍ୟ ଅଭ୍ୟାସ ପାଳନ କରିବା ଏବଂ ଅନ୍ୟ ବନ୍ଧୁ ତଥା ପରିବାର ସଦସ୍ୟଙ୍କୁ ଏଭଳି ପରିବର୍ତନ ଆଣିବା ପାଇଁ ପ୍ରେରଣା ଦେବାକୁ ଅନୁରୋଧ କରିଥିଲେ। ଆଲୋଚନା ସମୟରେ, ଉଭୟ ପ୍ୟାନେଲିଷ୍ଟମାନେ କହିଥିଲେ ଯେ ସେମାନେ ଉତ୍ସବରେ ବାଦାମମିଠାରେ ସିପିମାଧମରେ ବାଦାମଖାଇଥାନ୍ତି। ଖାଦ୍ୟପେୟଏବଂ ଜୀବନ ଶୈଳୀରେ ସୁଧାର ପାଇଁ ପରାମର୍ଶ ଦ୍ୱାରା ପରିବାରମାନେ ଏକ ସ୍ୱାସ୍ଥ୍ୟକର ସ୍ୱାସ୍ଥ୍ୟହାସଲ କରିପାରିବେ ବୋଲି ସେମାନେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଦିଲ୍ଲୀମ୍ୟାକ୍ସ ହେଲଥ କେୟାରଡାଏଟେଟିକ୍ସର ଆଂଚଳିକ ମୁଖ୍ୟ ରିତିକା ସମାଦାର କହିଲେ, ଭଲ ଖାଦ୍ୟ ଏବଂସ୍ନାକିଂ ଅଭ୍ୟାସ ବିଷୟରେ ସଚେତନତା ଏକ ସୁସ୍ଥଜୀବନ ଶୈଳୀ ହାସଲ କରିବା ପାଇଁ ଏକ ପ୍ରମୁଖବିଷୟ। ଅଧ୍ୟୟନରୁ ଜଣାପଡିଛି ଯେ ଖାଦ୍ୟକୁ ନେଇ ମାନସିକ ଆତ୍ମ-ସଚେତନତାକୁ ବଢ଼ାଇବା ଗୁରୁତ୍ୱପୂର୍ଣ୍ଣ। ଏହା ଉଦାସୀନତା, ଖାଦ୍ୟ ଲୋଭଏବଂ ଓଜନ ହ୍ରାସ ସହିତ ସୁସ୍ଥତା କ୍ଷେତ୍ରରେ ଉନ୍ନତି ଆଣିଥାଏ। ଲଣ୍ଡନର କିଙ୍ଗକଲେଜର ଗବେଷକଙ୍କ ଦ୍ୱାରା କରାଯାଇଥିବା ଏକ ଅଧ୍ୟୟନରୁ ଜଣାପଡିଛି ଯେ ଆଲମଣ୍ଡ ସ୍ନାକିଙ୍ଗରେ ହୃଦସ୍ପନ୍ଦନ ପରିବର୍ତନ ଶୀଳତା ବୃଦ୍ଧି ପାଇଥାଏ। ମାନସିକଚାପର ପ୍ରତିକ୍ରିୟା ଦୂର ହୋଇଥାଏ। ସ୍ନାକିଂ ପାଇଁ ଆଲମଣ୍ଡ ବାଦାମ, ବିଭିନ୍ନ ଫଳ, ଏବଂ ପନିପରିବା ପରି ପୁଷ୍ଟିକରଖାଦ୍ୟ ଉପଯୁକ୍ତ। ଆଲମଣ୍ଡ ଉତ୍ସ ଯେପରିକିପ୍ରୋଟିନ, ଭିଟାମିନ ଇ, ମ୍ୟାଗ୍ନେସିୟମ, ରିବୋଫ୍ଲାଭିନ, ଜିଙ୍କଇତ୍ୟାଦି ସହିତଗୁଡ୍ ଫ୍ୟାଟ୍ ମାଧମରେ ଶକ୍ତି ଯୋଗାଇବା ପାଇଁ ବେଶ୍ ଜଣାଶୁଣା, ଯାହା ସୁସ୍ଥତା ପ୍ରଦାନ ସହିତ ସ୍ୱାଦିଷ୍ଟମଧ।ଏହି ଅବସରରେ ଜଣାଶୁଣା ଓଡିଆ ସେଲିବ୍ରିଟି, ନୈନା ଦାଶତିୱାରୀ କହିଲେ, ଆପଣଙ୍କ ପରିବାର ଏବଂ ନିଜସ୍ୱାସ୍ଥ୍ୟ ପାଇଁ ଜଣେ ଘରୋଇଜୀବନଶୈଳୀଏବଂଖାଇବା ଅଭ୍ୟାସ ବିଷୟରେଜାଣିବା ଆବଶ୍ୟକ। ଯେକୌଣସି ଅଭ୍ୟାସ ଯାହା ଆପଣଙ୍କର ସ୍ୱାସ୍ଥ୍ୟଲକ୍ଷ୍ୟକୁ ପୂରଣକରେ ନାହିଁ, ଏହାକୁ ଏଡାଇବାକୁ ହେବଏବଂ ଆହୁରି ଭଲ, କିଛି ସୁସ୍ଥକିମ୍ବା ପୁଷ୍ଟିକର ଜିନିଷ ଦ୍ୱାରା ବଦଳା ଯିବାଜରୁରୀ। ଉଦାହରଣ ସ୍ୱରୂପ ଯେତେବେଳେ ମୁଁ ମୋରଶୁଟିଂ ପାଇଁ ଯାଇଥାଏ, ମୁଁ ଏକ ଛୋଟ ଆଲମଣ୍ଡ ଡବା ମୋ ହ୍ୟାଣ୍ଡବ୍ୟାଗରେ ରଖିଥାଏ। କାରଣ ଏହାକୁ ସଂରକ୍ଷଣ ଏବଂ ବହନ କରିବା ସୁବିଧା ଜନକ। ମୁଁ ମୋ ପୁଅର ମଧ୍ୟାହ୍ନ ଭୋଜନ ବାକ୍ସରେ କିଛି ଫଳ ସହିତକିଛି ଆଲମଣ୍ଡ ଦେଇଥାଏ। ଯାହାକୁସେ ମଧ୍ୟାହ୍ନ ବିରତିସ ମୟରେ ସହଜରେ ଖାଇ ପାରିବ।ମୋ ପରିବାର ଏବଂ ମୁଁ ନିୟମିତ ଭାବେ ଆଲମଣ୍ଡ ଖାଇବାକୁ ପସନ୍ଦ କରିବାର କାରଣ ହେଉଛି ଏଥିରେ ତୃପ୍ତି ଗୁଣ ରହିଛିଏବଂ ଆମକୁ ଦୀର୍ଘସମୟ ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ରଖିଥାଏ।ଏହା ମଧ ଆମକୁ ମଧ୍ୟାହ୍ନ ଭୋଜନ କ୍ଷୁଧା ଉପରେ ଏକ ନିୟନ୍ତ୍ରଣ ରଖିବାରେ ସାହାଯ୍ୟ କରିଥାଏ। ଦିନ ସାରାଶକ୍ତି ପ୍ରଦାନ କରିଥାଏ।ତେଣୁ, ମୁଁ ନିୟମିତଭାବରେମୁଠାଏ ଆଲମଣ୍ଡ ଖାଇବା ନିଶ୍ଚିତ କରିବାକୁସମସ୍ତଙ୍କୁ ଅନୁରୋଧ କରୁଛି ଯାହା ଆପଣ ବହୁ ସ୍ୱାସ୍ଥ୍ୟ ଉପକାର ପାଇ ପାରିବେ। ଯଦିଓ ଅଭ୍ୟାସଗୁଡିକ ବଦଳାଇବା କଷ୍ଟକର, ଖାଦ୍ୟପେୟ ଅଭ୍ୟାସକୁ ସଂଶୋଧନ କରିବା ଏବଂ ଜୀବନଶୈଳୀରେ ସଂଶୋଧନ କରିବା ଦୀର୍ଘସ୍ଥାୟୀଭାବେ ସାମଗ୍ରିକସ୍ୱାସ୍ଥ୍ୟ ସୁନିଶ୍ଚିତ କରିବା ପାଇଁ ପରିବାରସଦସ୍ୟମାନଙ୍କ ପାଇଁ ସର୍ବୋତମ ଉପାୟ ଅବଲମ୍ବନ କରିବାଜରୁର।ଭାରତରେବୃଦ୍ଧି ପାଉଥିବା କ୍ରୋନିକ ଏବଂ ଜୀବନଶୈଳୀ ରୋଗର ଆଶଙ୍କା ହ୍ରାସକରିବାରେ ମଧ ଏହା ସହାୟକ ହେବ। ଅଳ୍ପ ଖାଦ୍ୟପେୟ ଏବଂ ଜୀବନଶୈଳୀରେ ପରିବର୍ତନ ସହିତ ପୁଷ୍ଟିକର ଖାଦ୍ୟ ଭାବେ ପ୍ରତିଦିନ ମୁଠାଏ ଆଏମଣ୍ଡ ଆମ ଜୀବନରେ ଏକ ସୁସ୍ଥ ପରିବର୍ତନ ଆଣିପାରିବ।

## ଜଳୁଛି ୨ଟି ବଲ୍‌ବ, ବୁଲୁଛି ଗୋଟିଏ ଫ୍ୟାନ୍; ମାସକୁ ବିଲ୍ ଆସୁଛି ଲକ୍ଷେରୁ ଅଧିକ



ଭଞ୍ଜନଗର, ୧୭।୧୧(ପି.ଏନ) : ଘରେ ଜଳୁଛି ୨ଟି ବଲ୍‌ବ ଓ ବୁଲୁଛି ଗୋଟିଏ ଫ୍ୟାନ୍। ହେଲେ ପ୍ରତି ମାସ ବିଲ୍ ଆସୁଛି ଲକ୍ଷାଧିକ ଟଙ୍କା। ଟିପିଏସ୍‌ଓଡିଏଲ୍ (ଟାଟା ପାୱାର ଓ ଓଡିଶା ସରକାରଙ୍କ ଯୌଥ ଉଦ୍‌ଯୋଗ) ଏପରି ବିଲ୍ ପଠାଉଛି। ଆଉ ବିଲ୍ ପୈଠ କରିବା ପାଇଁ ଉପଭୋକ୍ତାଙ୍କ ଉପରେ ଚାପ ପକାଉଛି। ଏପରି ଅଭିଯୋଗ ଆସିଛି ଗଞ୍ଜାମ ଜିଲ୍ଲାରୁ।ଜଗନ୍ନାଥପ୍ରସାଦ ବ୍ଲକ୍ ? ଚଢେୟାପଲ୍ଲୀ ଗାଁର ପଙ୍କଜ ଗୌଡ। ବର୍ଷ ତଳେ ପଙ୍କଜଙ୍କ ସ୍ୱାମୀ ଶିବ ଗୌଡ଼ଙ୍କ ମୃତ୍ୟୁ ହୋଇଥିଲା। ସ୍ୱାମୀଙ୍କ ମୃତ୍ୟୁ ପରେ ଦୁଇ ଝିଅଙ୍କୁ ନେଇ ଗାଁରେ ବାସ କରୁଛନ୍ତି ପଙ୍କଜ। ରୋଜଗାର କହିଲେ କିଛି ନାହିଁ। ଦୁଇ ଝିଅ ମୂଲ ଲାଗି ଯାହା ରୋଜଗାର କରୁଛନ୍ତି, ସେଥିରେ ତିନି ପ୍ରାଣୀ କୁଟୁମ୍ବ ଚଳୁଛନ୍ତି। ଇନ୍ଦିରା ଆବାସ ଯୋଜନାରେ ମିଳିଥିବା ବଖରାଏ ଘରେ ମୁଣ୍ଡ ଗୁଞ୍ଜୁଛନ୍ତି। ସେହି ଘରେ ଗୋଟିଏ ଫ୍ୟାନ୍ ଘୂରୁଛି ଓ ଦୁଇଟି ବଲ୍‌ବ ଲାଗିଛି। ପ୍ରତି ବାସ ଯାହା ବିଲ୍ ଆସୁଥିଲା ତାକୁ ପୈଠ କରୁଥିଲେ ପଙ୍କଜ।ମିଳିଥିବା ସୂଚନା ମୁତାବକ, ପଙ୍କଜଙ୍କ ପାଖକୁ ୨୦୨୨ ମସିହା ଏପ୍ରିଲ୍ ମାସରେ ୫୧ ଟଙ୍କା, ମେ' ମାସରେ ୪୧ ଟଙ୍କା, ଜୁନ୍ ମାସରେ ୪୫ ଟଙ୍କାର ବିଦ୍ୟୁତ ବିଲ୍ ଆସିଥିଲା। ପଙ୍କଜ ବିଲ୍ ବୈଠକ କରିଥିଲେ। ତେବେ ଜୁଲାଇ ମାସରେ ହଠାତ୍ ୧୫୦୫୭୩ ଟଙ୍କାର ବିଲ୍ ଆସିଥିଲା। ଯାହାକୁ ଦେଖି ପଙ୍କଜଙ୍କ ଅକଲ ଗୁଡୁମ୍ ହୋଇଯାଇଥିଲା। ସେ ଏନେଇ ବିଦ୍ୟୁତ ବିଭାଗରେ ଅଭିଯୋଗ କରିଥିଲେ। ମାତ୍ର ବିଲ୍ ସଂଶୋଧନ କରାଗଲା ନାହିଁ। ଯେଉଁଥିପାଇଁ ସେ ବିଲ୍ ପୈଠ କଲେନାହିଁ। ତେଣୁ ପୁଣି ଅଗଷ୍ଟ ମାସରେ ୧୬୪୦୭୨ ଟଙ୍କା ଓ ସେପ୍ଟେମ୍ବରରେ ୧,୬୫,୮୭୬ ଟଙ୍କାର ବିଦ୍ୟୁତ ବିଲ୍ ଆସିଥିଲା। ଦିନକୁ ୧୦୦ କିମ୍ବା ୨୦୦ ଟଙ୍କା ରୋଜଗାର କରୁଥିବା ପରିବାର ପାଇଁ ଏତେ ଟଙ୍କାର ବିଦ୍ୟୁତ୍ ବିଲ୍ ପୈଠ କରିବା ଚିନ୍ତାର ବିଷୟ ପାଲଟିଛି। ଏଥିପାଇଁ ପଙ୍କଜ ନିଜକୁ ଅସହାୟ ପ୍ରକାଶ କରିଛନ୍ତି।ପଙ୍କଜ କହିଛନ୍ତି, ଆଗକୁ ମାସକୁ ଅତି ବେଶୀରେ ୧୦୦ ବା ୨୦୦ ଟଙ୍କାର ବିଲ୍ ଆସୁଥିଲା।

## ୩୦ ଲକ୍ଷ ଟଙ୍କାର ଚୋରା ମୋବାଇଲ ଜବତ, ଦୁଇ ଗିରଫ

ଗଞ୍ଜାମ, ୧୭।୧୧(ପି.ଏନ): ଗଞ୍ଜାମ ଜିଲା ଶେରଗଡର ପାଣିଗ୍ରାହି ଏସୋସିଏସନ ମୋବାଇଲ ଦୋକାନରୁ ଗତ ୫ ତାରିଖରେ ଚୋରୀ ହୋଇଥିବା ପ୍ରାୟ ୩୦ ଲକ୍ଷ ଟଂକାର ୧୦୨ଟି ମୋବାଇଲକୁ ଜବତ କରିଛି ଶେରଗଡ ପୁଲିସ। ଘଟଣାରେ ସମ୍ପୃକ୍ତ ମୁଖ୍ୟ ଅଭିଯୁକ୍ତ ଦିଲ୍ଲୀପ ବିଶୋଇ ଓ ତା'ର ସହଯୋଗୀକୁ ଗିରଫ କରାଯାଇଛି। ଅନ୍ୟ ଦୁଇ ଜଣ ଫେରାର୍ ଥିବା ଜଣାପଡିଛି। ଏମାନଙ୍କ ଠାରୁ ଦୁଇଟି ଲାପଟପ ଓ ଏମାନେ ବ୍ୟବହାର କରିଥିବା ଗୋଟିଏ ବାଇକ ଓ ଅଟୋ ମଧ ଶେରଗଡ ପୁଲିସ ଜବତ କରିଛି।

### ଘୋଷଣା

ଯାନ୍ତ୍ରିକ ତ୍ରୁଟି ଯୋଗୁଁ 'ପର୍ଯ୍ୟବେକ୍ଷକ' ୧୭ ତାରିଖ ସଂସ୍କରଣଟି ପ୍ରକାଶ ପାଇ ପାରିନଥିଲା। ଏହି ଅନିଚ୍ଛାକୃତ ତ୍ରୁଟି ପାଇଁ ଆମେ ଦୁଃଖିତ।

–ପ୍ରକାଶକ








# ଟି ଟାଇମ୍

## ଭୂତଙ୍କ ମେଳା

ମେଳା ତ ଅନେକ ରହିଥାଏ। ମେଳାକୁ ଆକର୍ଷଣୀୟ କରିବା ପାଇଁ କେତେକ ସ୍ଥାନରେ ଗୋରୁଗାଈ ତ ଆଉ କେଉଁଠି କଣ୍ଢେଇ, ଖେଳନାମାନ ବିକ୍ରି କରାଯାଇଥାଏ। ହେଲେ ଭୂତମାନଙ୍କୁ ନେଇ କେବେ କୌଣସି ମେଳା ହେଉଥିବା ବିଷୟରେ ଶୁଣିଛନ୍ତି। କିନ୍ତୁ ଏପରି ଏକ ମେଳା ମିର୍ଜାପୁରର କୋହରୋରାର ବରହି ଗ୍ରାମରେ ବେଚୁବୀର ବାବାଙ୍କ ସମାଧି ଉପରେ ହୋଇଥାଏ। ଏହି ମେଳାରେ ଭୂତ, ପ୍ରେତ ଏବଂ ଡାହାଣୀମାନଙ୍କର ମେଳା ହୋଇଥାଏ। ଅନ୍ଧବିଶ୍ୱାସ ସହିତ ଜଡ଼ିତ ଏହି ମେଳାରେ ଭୂତ-ପ୍ରେତଙ୍କ ପ୍ରକୋପରୁ ଲୋକମାନଙ୍କୁ ମୁକ୍ତି ଦିଆଯାଇଥାଏ। ଅନ୍ଧବିଶ୍ୱାସର ଏ ସମସ୍ତ ଖେଳ ସ୍ଥାନୀୟ ପୋଲିସ କର୍ମଚାରୀମାନଙ୍କ ସାମ୍ନାରେ ହୋଇଥାଏ। ଏହି ମେଳା ୩୫୦ବର୍ଷରୁ ହୋଇଆସିଲାଣି। ଅନ୍ଧବିଶ୍ୱାସର ଏହି ମେଳାରେ ଅଭିଯୋଗ ନେଇ ମଣିଷମାନେ ଆସିଥାନ୍ତି। ଯଦି କୌଣସି ବ୍ୟକ୍ତିଙ୍କ ଉପରେ ଭୂତ କିମ୍ବା ପ୍ରେତଙ୍କର ପ୍ରଭାବ ରହିଥାଏ ତେବେ ତାଙ୍କୁ ଏହି ସଂକଟରୁ କେବଳ ବେଚୁବିର ବାବା ହିଁ ମୁକ୍ତ କରିପାରିବେ। ଏଠାକୁ ଅନେକ ଦୂର ଦୂରାନ୍ତରୁ ଲୋକମାନେ ଚିକିତ୍ସା କରିବା ପାଇଁ ଆସିଥାନ୍ତି। ବେଚୁ ବାବାଙ୍କ ସମାଧିର ଦେଖାଶୁଣା ତାଙ୍କର ଏହି ଛଅ ବଂଶଜ କରିଥାନ୍ତି। ଏଠାରେ ଭୂତ-ପ୍ରେତଙ୍କ ବ୍ୟତୀତ ନିଃସନ୍ତାନ ଲୋକମାନେ ମଧ୍ୟ ଆସିଥାନ୍ତି।

## ୧୦୬୮ଟଙ୍କାର କିଟ୍‌କାଟ୍

ଯଦି ଆପଣ ଚକୋଲେଟ୍ ଖାଇବାର ସୌଖୀନ୍ ତେବେ ଆପଣଙ୍କ ପାଇଁ ଏକ ବଡ଼ ଖୁସି ଖବର। ପ୍ରସିଦ୍ଧ କମ୍ପାନୀ ନେସ୍‌ଲେ ଜାପାନରେ ଗୋଟିଏ ନୂଆ ପ୍ରଡ଼କ୍ଟ ଲଞ୍ଚ କରିଛନ୍ତି । ଏହି ପ୍ରଡ଼କ୍ଟ ହେଉଛି ଗୋଟିଏ ଚକୋଲେଟ୍। କିନ୍ତୁ ଏହା ଏକ ସାଧାରଣ ଚକୋଲେଟ୍ ନୁହେଁ। ସୁନାରେ ପ୍ରସ୍ତୁତ ଚକୋଲେଟ୍। ନେସ୍‌ଲେ ଏହି ଚକୋଲେଟ୍‌ର ଉତ୍ପାଦନ କମ୍ପାନୀର ଚକଲେଟ୍ରୀ ବୁଟିକ୍ ପାଇଁ କରିଛନ୍ତି । ଏହାକୁ ଖାଇବା ଯୋଗ୍ୟ କରିବା ପାଇଁ ସେଥିରେ ସୁନାରେ ପତଳା କୋର୍ଟ ଦିଆଯାଇଛି । ଏବେ ଚକୋଲେଟ୍‌କୁ ୱାନ୍ ଫିଙ୍ଗର କିଟ୍‌କାଟ୍ ଚକୋଲେଟ୍ ଆକାରରେ ଲଞ୍ଚ କରାଯାଇଛି । ମିଳିଥିବା ସୂଚନା ଅନୁଯାୟୀ କମ୍ପାନୀ ଡିସେମ୍ବରର ଶେଷ ଆଡ଼କୁ ୫୦୦ ଚକୋଲେଟ୍‌କୁ ଜାପାନ୍‌ର ୮ଟି କିଟ୍‌କାଟ୍ ବୁଟିକ୍‌ରେ ବିକ୍ରି କରିବେ



। ସୁନାର ପରସ୍ତ ପଡ଼ିଥିବା ଏହି ଚକୋଲେଟ୍‌ର ଜାପାନ ମୂଲ୍ୟ ୨,୦୧୬ୟେନ୍(୧୬ଡଲାର) ଦାମରେ ବିକ୍ରି କରାଯିବ । ଯାହାର ଭାରତୀୟ ମୂଲ୍ୟ ୧.୦୬୮ଟଙ୍କା ହେବ । ଜାପାନରେ ନେସଲେ ୩୦ପ୍ରକାରର କିଟ୍‌କାଟ୍ ବିକ୍ରି କରିଥାଏ ।

## ଖରିଫ୍ ଧାନ ସଂଗ୍ରହ ପାଇଁ ଚାଷୀ ନାମପଂଜୀକରଣରେ ୧୩ ପ୍ରତିଶତ ବୃଦ୍ଧି

ଭୁବନେଶ୍ୱର,(ପିଏନ)-୨୦୨୦-୨୧ ଖରିଫ୍ ବିପଣନ ଋତୁରେ ମୂଲ୍ୟ ସହାୟକ ଯୋଜନାରେ ଖରିଫ୍ ଧାନ ସଂଗ୍ରହ ନିମନ୍ତେ ଚାଷୀ ନାମ ପଂଜୀକରଣ ଗତବର୍ଷ ତୁଳନାରେ ଉଲ୍ଲେଖନୀୟ ୧୩ ପ୍ରତିଶତ ବୃଦ୍ଧି ପାଇଛି । ୨୦୨୦-୨୧ ଖରିଫ୍ ଧାନ ସଂଗ୍ରହ ପାଇଁ ଅଦ୍ୟାବଧି ମୋଟ ୧୪ ଲକ୍ଷ ୨ ହଜାର ୨୦୫ ଜଣ ଚାଷୀ ଅନ୍ ଲାଇନ୍ ଜରିଆରେ ସେମାନଙ୍କ ନାମ ପଂଜୀକରଣ କରିଛନ୍ତି। ଗତବର୍ଷ ୨୦୧୯-୨୦ ଖରିଫ୍ ଧାନ ନିମନ୍ତେ ୧୨ ଲକ୍ଷ ୩୫ ହଜାର ୯୦୮ ଜଣ ଚାଷୀ ନାମ ପଂଜୀକରଣ କରିଥିଲେ ।

କୋଭିଡ୍-୧୯ ସ୍ଥିତିରେ ସରକାରଙ୍କ ସମସ୍ତ ମାର୍ଗଦର୍ଶିକା ଓ ସାମାଜିକ ଦୂରତ୍ୱ ଅନୁପାଳନ କରି ବିଭାଗ ଦ୍ୱାରା ପ୍ୟାକ୍ସ ଓ ଲ୍ୟାମ୍ପସ୍ ମାଧ୍ୟମରେ ଚାଷୀ ନାମ ପଂଜୀକରଣ କାର୍ଯ୍ୟ ସୁରୁଖୁରୁରେ କରାଯାଇପାରିଛି ଏବଂ ଗତବର୍ଷ ତୁଳନାରେ ୧ ଲକ୍ଷ ୬୬ ହଜାର ୨୯୭ ଜଣ ଅଧିକ ଚାଷୀ ସେମାନଙ୍କ ଖରିଫ୍ ଧାନ ବିକିବା ନିମନ୍ତେ ନାମ ପଂଜୀକରଣ କରିଥିବାରୁ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ସମସ୍ତ କୃଷକ ଭାଇ ଏବଂ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କୁ ସାଧୁବାଦ ଜଣାଇଛନ୍ତି। ରାଜ୍ୟର ୩୦ଟି ଜିଲ୍ଲାରେ ଖରିଫ୍ ଧାନ ସଂଗ୍ରହ ନିମନ୍ତେ ୨୮୫୨ଟି ପ୍ୟାକ୍ସ ଜରିଆରେ ନାମ ପଂଜୀକରଣ କାର୍ଯ୍ୟ କରାଯାଉଛି। ୨୦୨୦-୨୧ ଖରିଫ୍ ଧାନ ସଂଗ୍ରହ ନିମନ୍ତେ ରାଜ୍ୟର ପ୍ରାୟ ପ୍ରତିଟି ଜିଲ୍ଲାରେ ଗତବର୍ଷ ତୁଳନାରେ ନାମ ପଂଜୀକରଣ ସଂଖ୍ୟା ବୃଦ୍ଧି ପାଇଥିବାବେଳେ ନୂଆପଡ଼ା ଜିଲ୍ଲାରେ ଉଲ୍ଲେଖନୀୟ ୩୫ ପ୍ରତିଶତ ବୃଦ୍ଧି ପାଇଛି । ଏତଦ୍ ବ୍ୟତୀତ ବଲାଙ୍ଗୀର ଓ ଯାଜପୁର ଜିଲ୍ଲାରେ ୨୯ ପ୍ରତିଶତ ବୃଦ୍ଧି ପାଇଥିବାବେଳେ ମୟୂରଭଞ୍ଜ ଜିଲ୍ଲାରେ ୨୮ ପ୍ରତିଶତ, ଝାରସୁଗୁଡ଼ାରେ ୨୩ ପ୍ରତିଶତ, ଦେବଗଡ଼ରେ ୨୨ ପ୍ରତିଶତ, ଭଦ୍ରଖରେ ୨୦ ପ୍ରତିଶତ, ଢେଙ୍କାନାଳରେ ୧୯ ପ୍ରତିଶତ, ଅନୁଗୋଳ, ଜଗତସିଂହପୁର ଓ କୋରାପୁଟରେ ୧୮ ପ୍ରତିଶତ ଲେଖାଏଁ ନାମ ପଂଜୀକରଣ ବୃଦ୍ଧି ପାଇଛି। ସେହିପରି କଟକ ଜିଲ୍ଲାରେ ଚାଷୀ ନାମ ପଂଜୀକରଣ ୧୭ ପ୍ରତିଶତ, ସମ୍ବଲପୁରରେ ୧୬ ପ୍ରତିଶତ, ବାଲେଶ୍ୱର ୧୫ ପ୍ରତିଶତ, ବରଗଡ଼ରେ ୧୫ ପ୍ରତିଶତ ଏବଂ ସୁନ୍ଦରଗଡ଼ରେ ୧୩ ପ୍ରତିଶତ ବୃଦ୍ଧି ପାଇଛି।

## ପୁରାଣ କାହାଣୀ

# ହଜିଯାଇଥିବା ଜିନିଷ ଖୋଜି ଆଣିବ ସୁଦର୍ଶନ ଚକ୍ର



ଜୀବନରେ କୌଣସି ଜିନିଷ ହଜିଯିବା, କେଉଁଠି ରଖି ଭୁଲିଯିବା, ହଜିଯାଇଥିବା ଜିନିଷ ଖୋଜିଲେ ନ ମିଳିବା ଆଦି ସମସ୍ୟା ସ୍ୱାଭାବିକ୍ ଭାବେ ଘଟିଥାଏ । ଯାହା ମନକୁ ଭାରାକ୍ରାନ୍ତ କରିଦିଏ। ଏଭଳି ପରିସ୍ଥିତିରେ କାର୍ତ୍ତବିର୍ଯ୍ୟାର୍ଜୁନ୍ ରାଜା ଯିଏ ହେୟ ବଂଶର ତଥା ଭଗବାନ ବିଷ୍ଣୁଙ୍କ ସୁଦର୍ଶନ ଚକ୍ରର ଅବତାର ବୋଲି କୁହାଯାଇଥାଏ। ତାଙ୍କର ସାଧନା କରିବା ଦ୍ୱାରା ଏହି ସବୁ ସମସ୍ୟାରୁ ତୁରନ୍ତ ମୁକ୍ତି ମିଳିଥାଏ। ପୁରାଣରେ ବର୍ଣ୍ଣିତ ହୋଇଛି ଯେ ସୁଦର୍ଶନ ଚକ୍ର ଯେ କୌଣସି ଦିଗକୁ ଯାଇ ହଜିଥିବା ଜିନିଷ ଖୋଜି ଆଣିବାରେ ସାହାଯ୍ୟ କରିଥାଏ। ଏହାର ସାଧନା ପାଇଁ ଦୀପ ଜଳାଇ ପୂର୍ବ ଅଥବା ଉତ୍ତର ଦିଗ ପଟକୁ ମୁହଁ କରି ବସନ୍ତୁ। ହଜିଯାଇଥିବା ଜିନିଷକୁ ଭାବନାରେ ଆଣି ଭଗବାନ ବିଷ୍ଣୁଙ୍କର ସୁଦର୍ଶନ ରୂପକୁ ସ୍ମରଣ କରି ଧ୍ୟାନ କରନ୍ତୁ ।

# ନ୍ୟୁଡ ସେଲଫି ବଦଳରେ ମିଳୁଛି ଋଣ

ବେଙ୍କିଂ ସାଧାରଣତଃ ଋଣ ପ୍ରଦାନ ସମୟରେ ବ୍ୟାଙ୍କ କର୍ତ୍ତୃପକ୍ଷ ଘର କିମ୍ବା ଜମି ପଟ୍ଟାକୁ ବନ୍ଧକ ରଖିଥାନ୍ତି। ହେଲେ ଚୀନର ଏକ ବ୍ୟାଙ୍କ ଗ୍ୟାରେଣ୍ଟି ବାବଦରେ ଝିଅଙ୍କ ଅଶ୍ଳୀଳ ଫଟୋକୁ ଗ୍ରହଣ କରୁଛି। ସର୍ତ୍ତ ରହିଛି ଯଦି ସଠିକ ସମୟରେ ଋଣ ପରିଶୋଧ କରାନଯାଏ ତେବେ ଏହି ଫଟୋକୁ ସାର୍ବଜନୀନ କରାଯିବ। ଚୀନରେ ଜିଏଦାଇବାଓ ନାମକ ଏକ କମ୍ପାନୀ ଲୋକଙ୍କୁ ବ୍ୟବସାୟ ଏବଂ ଆବଶ୍ୟକୀୟ ସାମଗ୍ରି କ୍ରୟ ପାଇଁ ଅନଲାଇନରେ ଋଣ ପ୍ରଦାନ କରୁଛି। ତେବେ ଋଣ ପାଇଁ ଗ୍ୟାରେଣ୍ଟର ଭାବେ ଝିଅ



ପିଲାଙ୍କୁ ଅନଲାଇନରେ ନ୍ୟୁଡ ଫଟୋ ଦେବାକୁ କୁହାଯାଉଛି। ଏଥିରେ ଝିଅମାନେ ନିଜ ପରିଚୟ ପତ୍ର ସହ ଫଟୋ ଦେଉଛନ୍ତି। କୁହାଯାଇଛି ଯେ ଯଦି ସଠିକ ସମୟରେ ଋଣ ଅର୍ଥ ପୈଠ ନହୁଏ ତେବେ ଏହି ଫଟୋ ପରିବାର ଏବଂ ପରିଚିତ ଲୋକମାନଙ୍କୁ ପଠାଇବା ସହ ସୋସିଆଲ ସାଇଟରେ ମଧ୍ୟ ସେୟାର କରାଯିବ। କମ୍ପାନୀଟି ୩୦% ସାପ୍ତାହିକ ସୁଧରେ ଏହି ଅର୍ଥ ଆବଶ୍ୟକୀୟ ଲୋକଙ୍କୁ ପ୍ରଦାନ କରୁଛି। ମିଳିଥିବା ସୂଚନା ଅନୁସାରେ ଏହି କମ୍ପାନୀଟି ଅଦ୍ୟାବଧି ୧୬୦ଜଣ ଝିଅଙ୍କ ଫଟୋକୁ ସୋସିଆଲ ସାଇଟରେ ଛାଡି ସାରିଲେଣି। ଘଟଣାକୁ ନେଇ ବିଶ୍ୱବ୍ୟାପୀ ତୀବ୍ର ପ୍ରତିକ୍ରିୟା ଆରମ୍ଭ ହୋଇଥିଲା ବେଳେ କମ୍ପାନୀକୁ ବନ୍ଦ କରିବା ପାଇଁ ଦାବି ତେଜିଲାଣି।

# ଖାତାକୁ ଆସିଲା ୩୧କୋଟି, ଗହଣା ଏବଂ କପଡ଼ା ପାଇଁ କରିଦେଲେ ଖର୍ଚ୍ଚ

ସିଡନୀ ଭାରତରେ ନୋଟରଦ୍ଦ ନିଷ୍ପତ୍ତି କାରଣରୁ ଅନେକ କଳାଧନକୁ ଧଳା କରିବା ପାଇଁ ଅନ୍ୟମାନଙ୍କ ଆକାଉଣ୍ଟରେ ଅର୍ଥ ଜମା କରୁଥିବା ଘଟଣା ଏବେ ଦେଖିବାକୁ ମିଳୁଛି। ସେହିପରି ଭୁଲରେ ମଧ୍ୟ ବ୍ୟାଙ୍କ



ଅଧିକାରୀମାନେ ଜଣଙ୍କ ସ୍ଥାନରେ ଅନ୍ୟଜଣଙ୍କ ଆକାଉଣ୍ଟରେ ଟଙ୍କା ଜମା କରିଦେଉଛନ୍ତି। ବ୍ୟାଙ୍କର ଏହି ତ୍ରୁଟି ଯୋଗୁ ଜଣେ ଛାତ୍ରଙ୍କୁ କୋର୍ଟର ଚକ୍କର କାଟିବାକୁ ପଡିଛି। ମାମଲାଟି ୨୦୧୨ ମସିହାର। ବ୍ୟାଙ୍କ ପକ୍ଷରୁ ଭୁଲରେ ମାଲେସିଆର ଜଣେ ୨୧ବର୍ଷିୟ ଛାତ୍ରୀ କ୍ରିଷ୍ଟିନାଙ୍କ ଖାତାକୁ ଆସିଥିଲା ୩୧କୋଟି ଟଙ୍କା। ୨୦୧୪ ଜୁଲାଇ ମାସରେ ଏ ସମ୍ପର୍କରେ କ୍ରିଷ୍ଟିନା ଜାଣିପାରିଥିଲେ। ପରେ ଏହି ଟଙ୍କାରେ ସେ ଗହଣା,ପ୍ରଶାଧନ ସାମଗ୍ରିଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ଜିନିଷ କ୍ରୟ କରିଥିଲେ। ଏପରିକି ଗୋଟିଏ ଦିନ ସେ ଦେଢକୋଟି ଟଙ୍କାର କିଣାବିକା କରିଥିଲେ। ଗତବର୍ଷ ଏହି ତ୍ରୁଟି ସମ୍ପର୍କରେ ବ୍ୟାଙ୍କ କର୍ତ୍ତୃପକ୍ଷ ଅବଗତ ହେବାପରେ କ୍ରିଷ୍ଟିନାଙ୍କୁ ଫୋନ କରି ତୁରନ୍ତ ଟଙ୍କା ଫେରାଇବା ପାଇଁ ଅନୁରୋଧ କରିଥିଲେ। ହେଲେ କ୍ରିଷ୍ଟିନା କହିଥିଲେ ଯେ ମୁଁ ଭାବିଥିଲି ଏହି ଟଙ୍କା ମୋତେ ମୋ ବାପା ପଠାଇଛନ୍ତି। ପରେ ଘଟଣାଟି କୋର୍ଟରେ ପହଞ୍ଚିଥିଲା। ଗତ ମଙ୍ଗଳବାର ଦିନ ଡାଉନିଂ ସେଣ୍ଟର କୋର୍ଟରେ କ୍ରିଷ୍ଟିନା ଉପସ୍ଥିତ ହୋଇ ନିଜ ଯୁକ୍ତି ରଖିଥିଲେ। ପରେ ଏହି ମାମଲାରେ କୋର୍ଟ ତାଙ୍କୁ ସମ୍ମାନର ସହ ମୁକ୍ତି କରିଛି।

## ସନ୍ତାନ ଓ ଚାକିରି ଛାଡ଼ି ଆଇଏସ ବିରୋଧରେ ବନ୍ଧୁକ ଉଠାଇଲେ ମହିଳା

ସିରିୟାର ବେବିଲୋନିଆ ତାଙ୍କର ଦୁଇ ସନ୍ତାନ



ଓ ହେୟାର ଡ୍ରେସର ଚାକିରି ଛାଡି ଦୁର୍ଦ୍ଧର୍ଷ ଆତଙ୍କବାଦୀ ସଂଗଠନ ଆଇଏସଆଇଏସ ବିରୋଧରେ ବନ୍ଧୁକ ଉଠାଇଛନ୍ତି। ସେ ଆଇଏସ ବିରୋଧରେ ଲଢୁଥିବା ଖ୍ରୀଷ୍ଟିଆନ ଫିମେଲ ପ୍ରୋଟେକସନ ଗ୍ରୁପରେ ସାମିଲ ହୋଇଛନ୍ତି। ୩୬ ବର୍ଷୀୟା ବେବିଲୋନିଆ ସିରିୟାର ଉତ୍ତର-ପୂର୍ବରେ ହଶକାହ ପ୍ରଦେଶରେ ଖ୍ରୀଷ୍ଟିଆନ ସଂଖ୍ୟାଲଘୁ ସଂପ୍ରଦାୟର ମହିଳା। ଏହି ଗ୍ରୁପରେ ୫୦ ମହିଳା ଅଛନ୍ତି ଏବଂ ଏମାନଙ୍କ ପ୍ରଶିକ୍ଷଣ ଶିବିର ସିରିୟାର ଅଲ-କହତନିଏ ସହରରେ ରହିଛି। ବେବିଲୋନିଆ କହିଛନ୍ତି ପିଲାଙ୍କ ଭବିଷ୍ୟକୁ ସୁରକ୍ଷିତ କରିବା ପାଇଁ ସେ ଆଇଏସଆଇଏସ ବିରୋଧରେ ଅସ୍ତ୍ର ଉଠାଇଛନ୍ତି। ସିରିୟାରେ ୮୯ହଜାର ଖ୍ରୀଷ୍ଟିଆନ ବସବାସ କରୁଥିଲେ ହେଁ ଆଇଏସ ଆତଙ୍କବାଦୀଙ୍କ ଭୟରେ ଏମାନଙ୍କ ସଂଖ୍ୟା ଦ୍ରୁତ ହ୍ରାସ ପାଉଛି।

## ଆଜିର ଭାଗ୍ୟ

**ମେଷ** — କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** — ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** — କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** — ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** — ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** — ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** — ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** — ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** — ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** — କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** — ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** — କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

## ସୁନ୍ଦର ଆଖି

ମଣିଷ ଶରୀରରେ ଆଖି ହେଉଛି ସବୁଠାରୁ ସୁନ୍ଦର ଭାଗ । ଯାହା ଆପଣଙ୍କ ସୁନ୍ଦରତାକୁ ଆହୁରି ବଢାଇ ଦେଇଥାଏ । ଯଦି ଆପଣ ଆପଣଙ୍କ ଆଖିକୁ ସୁନ୍ଦର କରିବାକୁ ଚହାନ୍ତି ତେବେ, ସ୍ମୋକି ଆଇଜ୍ ପାଇଁ ସର୍ବଦା ଗ୍ରେ ଏବଂ କଳା ରଙ୍ଗର ଆଇସ୍ୟାଡୋର ମିଶ୍ରଣକୁ କଳା ସହିତ ଲଗାନ୍ତୁ । ଏଥିପାଇଁ ସର୍ବପ୍ରଥମେ ଆଇବ୍ରୋର ତଳ ଭାଗରେ ରହିଥିବା ହାଡରୁ ଟିକେ ତଳକୁ ଆଖିପତାରେ ଗ୍ରେ ରଙ୍ଗର ଆଇସ୍ୟାଡେ ଲଗାନ୍ତୁ । ଏହାପରେ ଆଖିର ତଳ ଏବଂ ଉପର ଦୁଇ ଭାଗରେ କଳା ଲଗାନ୍ତୁ । ଏହା ଆଖିର ସୁନ୍ଦରତା ବଢେଇ ଦେଇଥାଏ ।

# କ୍ଲୋରାମିନ୍ ଯୁକ୍ତ ଖାଦ୍ୟ ହାନିକାରକ

ଆପଣଙ୍କ ଶରୀର ପାଇଁ କ୍ଷତିକାଡ଼ ସାବ୍ୟସ୍ତ ହୋଇପାରେ। ନିକଟରେ କରାଯାଇଥିବା ଏକ ଗବେଷଣାରୁ ଜଣାଯାଇଛି କ୍ଲୋରାମିନ୍ ଯୁକ୍ତ ଖାଦ୍ୟ ଓ ଲୁଣ ପ୍ରତିକ୍ରିୟା କରି ଏଭଳି ଏକ ହାନିକାରକ ରସାୟନ ନିର୍ମାଣ କରୁଛନ୍ତି, ଯାହା ଆପଣଙ୍କୁ ଡାକ୍ତରଖାନାରେ ପହଞ୍ଚାଇଦେବ। ଗବେଷକମାନେ ଅନେକ ଅଣୁମାନଙ୍କର ସନ୍ଧାନ କରିଛନ୍ତି, ଯାହା ସମ୍ପୂର୍ଣ୍ଣ ନୂଆ ଓ କ୍ଲୋରାମିନ୍ ଯୁକ୍ତ ପାଣି ଓ ଖାଦ୍ୟରେ ଥିବା ଆୟୋଡ଼ିନ୍ ଯୁକ୍ତ ଲୁଣ ମଧ୍ୟରେ



ପ୍ରତିକ୍ରିୟାରୁ ସୃଷ୍ଟି ହୋଇଛନ୍ତି। ପାଣିକୁ ସ୍ୱଚ୍ଛ କରିବା ପାଇଁ ସେଥିରେ କ୍ଲୋରିନ୍ କିମ୍ବା କ୍ଲୋରୋଏମିନ୍ସର ଅଣୁ ମିଶାଯାଇଥାଏ। ଗବେଷକଙ୍କ ମତରେ ପାଇପ୍ ପାଣିରେ ଉପସ୍ଥିତ ଥିବା କ୍ଲୋରିନ୍ କିମ୍ବା କ୍ଲୋରୋଏମିନ୍ସ ଆୟୋଡ଼ିନ୍ ଲୁଣ ସହ ପ୍ରତିକ୍ରିୟା କରି ହାଇପୋଆୟୋଡ଼ସ୍ ଏସିଡ଼ ନିର୍ମାଣ କରିଥାଏ। ଯାହା ସାଧାରଣତଃ ହାନିକାରକ ନୁହେଁ। କିନ୍ତୁ ଯେତେବେଳେ ଏସିଡ଼ ଖାଦ୍ୟ ରାନ୍ଧିବା ସମୟରେ ପାଇପ୍ ପାଣିରେ ଉପସ୍ଥିତ ଅଣୁ ଓ ଅନ୍ୟ କାର୍ବନିକ୍ ପଦାର୍ଥ ସହିତ ପ୍ରତିକ୍ରିୟା କରିଥାଏ। ସେତେବେଳେ ସେଥିରେ ହାନିକାରକ ଆୟୋଡ଼ିନ୍ ଯୁକ୍ତ ଜୀବାଣୁ ନାଶକ ତିଆରି ହୋଇଥାଏ।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ ।



ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ ।




# ଲଘୁ ଖଣିଜ ସମ୍ପଦ ଲୁଟ୍‌ରେ ପ୍ରଶାସନିକ ଅଧିକାରୀଙ୍କ ସମ୍ପୃକ୍ତି ନେଇ ଭାଜପାର ସାମ୍ବାଦିକ ସମ୍ମିଳନୀ




ଧର୍ମଶାଳା (ପିଏନ୍): ଧର୍ମଶାଳା ତହସିଲ ଅଞ୍ଚଳରେ ଲଘୁ ଖଣିଜ ସମ୍ପଦ ଲୁଟ୍ ଚରମ ସୀମାରେ ପହଁଚିଛି। ଦୈନନ୍ଦିନ କୋଟି କୋଟି ଟଙ୍କାର ଲଘୁଖଣିଜ ସମ୍ପଦ ଲୁଟ୍ ଚାଲିଥିବା ବେଳେ ଜିଲ୍ଲା ଓ ତହସିଲ ପ୍ରଶାସନ ନିରବ ସମର୍ଥନ ଦେଇ ଆସିଛି । ନେଡ଼ି ଗୁଡ଼ କହୁଣିକି ବୋହିଲା ସଦୃଶ ଏବେ ଲିଜ୍‌ଧାରୀଙ୍କ ଉପରେ ଜୋରିମାନା କରି ପ୍ରଶାସନ ନିଜକୁ ସ୍ୱଚ୍ଛ ପ୍ରମାଣିତ କରିବାକୁ ଚେଷ୍ଟା କରୁଛି, କିନ୍ତୁ ଏହି ପ୍ରସଙ୍ଗକୁ ନେଇ ଜାରକା ପ୍ରୟାଗ ମଣ୍ଡପ ଠାରେ ଧର୍ମଶାଳା ଭାଜପା ପକ୍ଷରୁ ବିଜେପି ନେତା ତଥା ସୂଚନା ଅଧିକାର କର୍ମୀ ସର୍ବେଶ୍ୱର ବେହୁରାଙ୍କ ନେତୃତ୍ୱରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏହି ସମ୍ମିଳନୀରେ ଅଣଲିଜ୍ ସୈରାତ ଅପେକ୍ଷା ସରକାରୀ ଭାବେ ଲିଜ ଦିଆଯାଇଥିବା ସୈରାତଗୁଡ଼ିକରେ ଅଧିକ ଲଘୁଖଣିଜ ସମ୍ପଦ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଗତ ମେ' ମାସରେ ଏହି ତହସିଲ ପକ୍ଷରୁ ଲୁଣିବର ମୌଜାରେ ୩ଟି କଳାପଥର ଖାଦାନ ଓ ଡଙ୍କାରୀ ମୌଜାରେ ଗୋଟିଏ ଖାଦାନ ମାପଚୁପ ପରେ ୧୦୫ କୋଟି ୮୯ ହଜାର ଟଙ୍କା ଜୋରିମାନା ହୋଇଥିଲା। ଯାହା ଅଦ୍ୟାବଧି ଅଣଆଦାୟ ହୋଇ ରହିଛି। ୫ ବର୍ଷରେ ଏହି ୪ଟି ଖାଦାନରେ ୨ଲକ୍ଷ ୮୯ ହଜାର ଘନ ମିଟର କଳାପଥର ଉତ୍ତୋଳନ ନିମନ୍ତେ ମାଇନିଙ୍ଗ ପ୍ଲାନ ସରକାରୀ ଭାବରେ ଅନୁମୋଦନ ହୋଇଥିବା ବେଳେ ୧୮ ଲକ୍ଷ ଘନମିଟର ଅଧିକ ଉତ୍ତୋଳନ ହୋଇଥିବା ନେଇ ଲିଜ୍‌ଧାରୀଙ୍କ ବିରୋଧରେ ତହସିଲ ଡିମାଣ୍ଡ ନୋଟିସ କରି ଅର୍ଥ ପୈଠ ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଏହି ୧୫ ଲକ୍ଷ ଘନମିଟର କଳାପଥର ଚୋରି ପାଇଁ କେବଳ କଣ ଲିଜ୍‌ଧାରୀ ଦାୟୀ? କିନ୍ତୁ ଦାୟିତ୍ୱରେ ଥିବା ସରକାରି ଅଧିକାରୀ କହିଁକି ଦାୟୀ ହେବେ ନାହିଁ ଏନେଇ ଶ୍ରୀ ବେହୁରା ପ୍ରଶ୍ନ କରିଛନ୍ତି। ସେହିପରି ରସୁଲପୁର ତହସିଲ ଅଧିନ ଚାନ୍ଦପୁର ମୌଜାରେ ବାଲି ସୈରାତ ଲିଜ୍ ନେଇଥିବା ଲକ୍ଷ୍ମୀଧର ଜେନା କିପରି ଧର୍ମଶାଳା ତହସିଲ କୋଠିଢିଅ ଅଞ୍ଚଳରୁ ୩୦ ହଜାର ଘନମିଟର ବାଲି ଉତ୍ତୋଳନ କଲେ ତହସିଲଦାର ଓ ରାଜସ୍ୱ ନିରୀକ୍ଷକ କିପରି ଜାଣିପାରୁ ନ ଥିଲେ ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଲଘୁଖଣିଜ ସମ୍ପଦ ସୁରକ୍ଷା ଓ ତଦାରଖ ପାଇଁ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଅକ୍ଷୟ ମଲ୍ଲିକ ଓ ତହସିଲଦାର ସ୍ୱାଗତ ଦାସ ଦୀର୍ଘ ୪ ବର୍ଷ କାଳ ଏହି ତହସିଲ କାର୍ଯ୍ୟାଳୟରେ ଅତିରିକ୍ତ ଜିଲ୍ଲାପାଳ ଓ ତହସିଲଦାର ଦାୟିତ୍ୱରେ ଥିବା ଦେବୀ ପ୍ରସାଦ ମହାନ୍ତିଙ୍କର ଏହି ଲୁଟ୍ ପଛରେ ସିଧାସଳଖ ସମ୍ପୃକ୍ତି ଥିବା ଅଭିଯୋଗ ହୋଇଛି। ଏତେ ଦକ୍ଷ ତହସିଲଦାର ଓ ରାଜସ୍ୱ ନିରୀକ୍ଷକ ଦାୟିତ୍ୱରେ ଥିବା ଓ ଲଘୁଖଣିଜ ସମ୍ପଦ ସୁରକ୍ଷା ପାଇଁ ଜିଲ୍ଲା ପ୍ରଶାସନ ସ୍ୱତନ୍ତ୍ର ସ୍କ୍ୱାର୍ଡ ଗଠନ ହୋଇଥିଲେ ମଧ୍ୟ କିପରି ଏହି ଲଘୁଖଣିଜ ସମ୍ପଦ ସୁରକ୍ଷା ପାଇଁ ଆଖି ବୁଜି ଦେଇଥିଲେ ତାହାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ତେବେ ଆସନ୍ତା ତିନିଦିନ ମଧ୍ୟରେ ଯଦି ଜିଲ୍ଲା ପ୍ରଶାସନ ଏହାଉପରେ କୌଣସି ପଦକ୍ଷେପ ନନିଅନ୍ତି, ତେବେ ଆଇନର ଆଶ୍ରୟ ନେବା ପାଇଁ ଶ୍ରୀ ବେହୁରା ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ଏହି ସମ୍ମିଳନୀରେ ବିଜେପି ନେତା ଚନ୍ଦ୍ରମଣୀ ପଣ୍ଡିତ, ସ୍ମୃତିରଂଜନ ବାରିକ, ଅକ୍ଷୟ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ମା' ମନସା ଦେବୀ ଶକ୍ତିପୀଠ



ଶିଓ୍ୱାଲିକ୍ ପର୍ବତମାଳାରୁ ନେଇ କୁରୁକ୍ଷେତ୍ର ପର୍ଯ୍ୟନ୍ତ ୪୮କୋଷର ସିନ୍ଧୁବନରେ ଋଷି-ମୁନୀମାନେ ପୁରାଣ ରଚନା କରିଥିଲେ। ଏହି ସମସ୍ତ ଭୂଭାଗ ଦେବଧରା ନାମରେ ଜଣାଶୁଣା।

ଏହି ପରମ୍ପରାରେ ହରିଆନାର ପଞ୍ଚକୁଳାରେ ଶିଓ୍ୱାଲିକ୍ ପର୍ବତମାଳାର କୋଳରେ ସିନ୍ଧୁବନର ଶେଷ ସୀମାରେ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଆଚ୍ଛାଦିତ ଏକଦମ ମନୋରମ ଏବଂ ଶାନ୍ତ ପରିବେଶରେ ମାତା ମନସା ଦେବୀଙ୍କ ମନ୍ଦିର ଅବସ୍ଥିତ। ଯଦି କୌଣସି ଭକ୍ତ ସଚ୍ଚା ମନରେ ଚାଳିଶ ଦିନ ପର୍ଯ୍ୟନ୍ତ ଲଗାତାର ମାତା ମନସା ଦେବୀଙ୍କର ମନ୍ଦିରରେ ପହଞ୍ଚି ପୂଜାର୍ଚ୍ଚନା କରନ୍ତି, ତେବେ ମାତା ମନସା ଦେବୀ ତାଙ୍କର ମନୋସ୍କାମନା ଅବଶ୍ୟ ପୂରଣ କରିଥାନ୍ତି। ମାତା ମନସା ଦେବୀଙ୍କର ଚୈତ୍ର ଏବଂ ଆଶ୍ୱିନ ମାସର ନବରାତ୍ର ପର୍ବରେ ବଡ଼ ଧରଣର ମେଳା ବସିଥାଏ। ଏହି ପର୍ବ ମାତାଙ୍କର ପ୍ରମୁଖ ପର୍ବ ଭାବେ ପାଳନ କରାଯାଏ।



ମାତା ମନସା ଦେବୀଙ୍କ ମନ୍ଦିରକୁ ନେଇ କେତେକ ଧାରଣା ଓ ମାନ୍ୟତା ପ୍ରଚଳିତ ରହିଛି। ଶ୍ରୀ ମାତା ମନସା ଦେବୀଙ୍କ ଇତିହାସ ଅନ୍ୟ ସିଦ୍ଧ ଶକ୍ତିପୀଠ ଭଳି ଅତି ପ୍ରାଚୀନ।



ଶ୍ରୀ ମାତା ମନସା ଦେବୀଙ୍କ ଆବିର୍ଭାବ ହେବାର ଉଲ୍ଲେଖ ଶିବ ପୁରାଣରେ ରହିଛି।

ହିନ୍ଦୁ ପୁରାଣ ଶାସ୍ତ୍ର ଅନୁଯାୟୀ ଦକ୍ଷରାଜ ଯଜ୍ଞ କଲାବେଳେ ନିଜ ଝିଅ ବା ଭଗବାନ ଶିବଙ୍କ ପତ୍ନୀ ଦେବୀ ସତୀ ଓ ଶିବଙ୍କୁ ଯଜ୍ଞରେ ଉପସ୍ଥିତ ହେବାକୁ ନିମନ୍ତ୍ରଣ କରି ନଥିବାରୁ ଅତି ଦୁଃଖରେ ମା'ସତୀ ଯଜ୍ଞକୁଣ୍ଡରେ ଆତ୍ମଦାହ କଲେ। ତ୍ରିକାଳଦର୍ଶୀ ଶିବ ଏ ଖବର ଜାଣିପାରିଲେ। ଭଗବାନ ଶିବ ସଙ୍ଗେ ସଙ୍ଗେ ଘଟଣାସ୍ଥଳରେ ପହଞ୍ଚି ଯାହା ଦେଖିଲେ, ସେ ନିଜେ ବି ବିଶ୍ୱାସ କରିପାରିଲେ ନାହିଁ। ରାଗରେ ଜର୍ଜରିତ ହୋଇ ଭଗବାନ ଶିବ ସତୀଙ୍କ ମରଶରୀର ନିଜ ହାତରେ ଧରି ତାଣ୍ଡବ ନୃତ୍ୟ କରିବାକୁ ଲାଗିଲେ। ସବୁଆଡ଼େ ଚାଲିଲା ଧ୍ୱଂସଲୀଳା। ଏହାର ସମାଧାନ ପାଇଁ ଦେବଦେବୀମାନେ ଭଗବାନ ବ୍ରହ୍ମା ଓ ଭଗବାନ ବିଷ୍ଣୁଙ୍କୁ ଅନୁରୋଧ କଲେ। ଭଗବାନ ଶିବ ଧରିଥିବା ସତୀଙ୍କ ମରଶରୀରକୁ ଖଣ୍ଡ ବିଖଣ୍ଡିତ କରି ଆତ୍ମାରହିତ କରିବାକୁ ବିଷ୍ଣୁ ନିଜର ସୁଦର୍ଶନ ଚକ୍ରକୁ ଆଦେଶ ଦେଲେ। ସୁଦର୍ଶନ ଚକ୍ର ଦ୍ୱାରା ମା' ସତୀଙ୍କ ଶରୀର ଖଣ୍ଡ ବିଖଣ୍ଡିତ ହୋଇଗଲା ଓ ମା'ଙ୍କ ଶରୀରର ବିଭିନ୍ନ ଅଂଶ ଭାରତୀୟ ଉପମହାଦେଶର ଅନେକ



ସ୍ଥାନରେ ବିଞ୍ଛି ହୋଇ ପଡ଼ିଲା। ସର୍ବଶେଷରେ ସତୀଙ୍କ ଅଙ୍ଗର ମୁଖ୍ୟାଂଶ ସହ ସମସ୍ତ ଖଣ୍ଡକୁ ଖୋଜି ପୂଜାର୍ଚ୍ଚନା ତଥା ଖଣ୍ଡଗୁଡ଼ିକୁ ସୁରକ୍ଷା ଦେବାକୁ ଭଗବାନ ଭୈରବଙ୍କୁ ନିର୍ଦ୍ଦେଶ ଦେଲେ ବ୍ରହ୍ମା। ସେହି ଦୁର୍ଲଭ ସ୍ଥାନଗୁଡ଼ିକୁ ବ୍ରହ୍ମା, ବିଷ୍ଣୁ ଓ ଶିବ ମିଶି ଶକ୍ତିପୀଠର ମାନ୍ୟତା ଦେଲେ। ସେଗୁଡ଼ିକ ମଧ୍ୟରେ ୪ଟି ଆଦିଶକ୍ତି ପୀଠ, ୧୮ଟି ମହାଶକ୍ତି ପୀଠ ଓ ୫୧ଟି ଶକ୍ତିପୀଠ ରହିଛି। ଆଦିଶକ୍ତି ପୀଠ ହେଲେ- (୧) ପୁରୀ ଶ୍ରୀମନ୍ଦିରରେ ପୂଜିତା ମା'ବିମଳା (ପାଦଖଣ୍ଡ), (୨) ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ସହର ନିକଟସ୍ଥ ଋଷିକୂଲ୍ୟା ନଦୀ ଉପକଣ୍ଠରେ କୁମାରୀ ପାହାଡ଼ ଉପରେ ବିରାଜିତ ମା' ତାରାତାରିଣୀ(ସ୍ତନଖଣ୍ଡ), (୩) ଆସାମର ଗୌହାଟୀସ୍ଥିତ କାମାକ୍ଷା ଦେବୀ (ଜୋନିଖଣ୍ଡ) ଓ (୪) କୋଲକତାର ଦକ୍ଷିଣ କାଳୀ (ମୁଖଖଣ୍ଡ)। ଓଡ଼ିଶାରେ ମଧ୍ୟ ଗୋଟିଏ ମହାଶକ୍ତିପୀଠ ମା' "ବିରଜା" ରହିଛନ୍ତି।

ତେବେ ଭାରତୀୟ ଉପମହାଦେଶରେ ଥିବା ଶକ୍ତିପୀଠମାନଙ୍କ ମଧ୍ୟରେ ହିମାଚଳ ପ୍ରଦେଶର କାଙ୍ଗଡ଼ାରେ ମାତା ସତୀଙ୍କ ମସ୍ତକ ଖଣ୍ଡ ପଡ଼ିଥିଲା। ଏଥିଯୋଗୁ ଏହି ସ୍ଥାନରେ ମାତା ମନସା ଦେବୀଙ୍କର ଭବ୍ୟ ମନ୍ଦିର ନିର୍ମାଣ ହୋଇଥିଲା। ସେହିପରି ଏଠାରେ ମାତାଙ୍କ ମସ୍ତକ ପଡ଼ିବାରୁ ବ୍ରଜେଶ୍ୱରୀ ଦେବୀ ଶକ୍ତିପୀଠ, ଜ୍ୱାଳାମୁଖୀରେ ଜିହ୍ୱା ଖଣ୍ଡ ପଡ଼ିବାରୁ ଜ୍ୱାଳାଜୀ, ମନର ଭାଗ



ପଡ଼ିବାରୁ ଛିନ୍ନ ମସ୍ତିକା, ନୟନରୁ ନୟନ ଦେବୀ ହୋଇଛନ୍ତି। ସେହିପରି ତ୍ରିପୁରାରେ ଜଙ୍ଘ ଖଣ୍ଡ ପଡ଼ିବାରୁ ମାତା ଜୟନ୍ତୀ ଦେବୀ, କୋଲକତାରେ ଡ଼ାହାଣ ପାଦ ଅଙ୍ଗୁଳି ପଡ଼ିବାରୁ କାଳୀ ମନ୍ଦିର, ସାହାରାନପୁର ନିକଟ ଶିଓ୍ୱାଲିକ୍ ପର୍ବତ ଉପରେ ମସ୍ତକ ଖଣ୍ଡ ପଡ଼ିବାରୁ ଶକୁମ୍ଭରୀ, କୁରୁକ୍ଷେତ୍ରରେ ଗଳାର ଆଭୂଷଣ ପଡ଼ିବାରୁ ଭଦ୍ରକାଳୀ ଶକ୍ତିପୀଠ ତଥା ଶିଓ୍ୱାଲିକ୍ ଗିରିମାଳାରେ ଦେବୀଙ୍କ ମସ୍ତିସ୍କର ଅଗ୍ରଭାଗ ପଡ଼ିବାରୁ ମନସା ଦେବୀ ଶକ୍ତିପୀଠ ସୃଷ୍ଟି ହେଲା।

ଏହି ଶକ୍ତିପୀଠରେ ମହାଭାରତର ପାଣ୍ଡବ ଭାଇମାନେ ବନବାସ ସମୟରେ ମାତା ମନସା ଦେବୀ ମନ୍ଦିରରେ ଦେବୀଙ୍କୁ ଆରାଧନା କରିଥିଲେ। ପାଣ୍ଡବମାନେ ବନବାସ ସମୟରେ ଭଗବାନ ଶ୍ରୀକୃଷ୍ଣ ମଧ୍ୟ ଏହି ଅଞ୍ଚଳକୁ ଆସିଥିବା ପ୍ରମାଣ ରହିଛି। ତେବେ ପିଞ୍ଜୌର, ସକେତଡ଼ୀ ଓ କାଲକା ଅଞ୍ଚଳରେ ପୁରାତତ୍ତ୍ୱବିତ୍‌ମାନଙ୍କ ଅନୁସନ୍ଧାନରୁ ଏଠାରେ ଯେଉଁ ପ୍ରାଚୀନ ପଦାର୍ଥ ମିଳିଛି, ତାହା ପାଷାଣ ଯୁଗର ବୋଲି କୁହାଯାଉଛି। ଏଥିରୁ ସ୍ପଷ୍ଟ ହେଉଛି ଯେ, ଆଦିମ କାଳରେ ମଧ୍ୟ ଏହି କ୍ଷେତ୍ରରେ ମଣିଷର ଅବସ୍ଥାନ ଥିଲା ଓ ସେ ଦେବୀ ଦେବତାଙ୍କୁ ପୂଜା କରୁଥିଲେ। ଏଣୁ ଏହି ସ୍ଥାନରେ ମାତା ମନସା ଦେବୀଙ୍କ ମନ୍ଦିର ବିଦ୍ୟମାନ ଥିବା ଜଣାପଡୁଛି।

ବର୍ଷର ବିଭିନ୍ନ ସମୟରେ ମାତା ମନସା ଦେବୀଙ୍କ ମନ୍ଦିରରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଗହଳି ଲାଗି ରହିଥାଏ। ମାତା ମନସା ଦେବୀଙ୍କ ମନ୍ଦିରର ଅପରୂପ ଶୋଭା ଦେଖିବା ଭଳି ହୋଇଥାଏ। ଏଥିପାଇଁ ଲକ୍ଷ ଲକ୍ଷ ଭକ୍ତ ଓ ଶ୍ରଦ୍ଧାଳୁ ମୁଖ୍ୟତଃ ମାତା ମନସା ଦେବୀଙ୍କୁ ପୂଜା କରିବାକୁ ଏଠାକୁ ଆସିଥାନ୍ତି। ଏଠାକାର ପୂଜାବିଧିର ପ୍ରତ୍ୟେକ କାର୍ଯ୍ୟକ୍ରମ ଖୁବ୍ ଆନନ୍ଦଦାୟକ ଓ ମନୋରମ।

**ଶରତ କୁମାର ରାଉତ**, ଭୁବନେଶ୍ୱର, ମୋ: ୯୩୩୭୩୬୯୪୪୮

# ବିର୍ସାମୁଣ୍ଡାଙ୍କ ସଂଘର୍ଷପୂର୍ଣ୍ଣ କାହାଣୀ ଆମ ସମସ୍ତଙ୍କ ପାଇଁ ଚିରପ୍ରେରଣାଦାୟୀ



ରାଉରକେଲା (ପିଏନ୍): ମହାନ ସ୍ୱାଧୀନତା ସଂଗ୍ରାମୀ ଧରତୀ ଆବ୍ବା ବୀର ବିର୍ସାମୁଣ୍ଡାଙ୍କ ସଂଘର୍ଷପୂର୍ଣ୍ଣ ଜୀବନ କାହାଣୀ ଆମ ସମସ୍ତଙ୍କ ପାଇଁ ଚିରପ୍ରେରଣାଦାୟୀ ବୋଲି ରାଉରକେଲା ଜିଲ୍ଲା କଂଗ୍ରେସ ତରଫରୁ କୁହାଯାଇଛି । ବିର୍ସାମୁଣ୍ଡାଙ୍କ ୧୪୭ତମ ଜୟନ୍ତୀ ଅବସରରେ ଜିଲ୍ଲା କଂଗ୍ରେସ ତରଫରୁ ଅନୁଷ୍ଠିତ ସ୍ମୃତିସଭାରେ କଂଗ୍ରେସ ନେତୃବୃନ୍ଦ ବକ୍ତବ୍ୟ ରଖି ବିର୍ସାମୁଣ୍ଡା କିପରି ଯୁବ ବୟସରେ ବ୍ରିଟିଶ ଶକ୍ତି ବିରୋଧରେ ଏକ ଦୁର୍ବାର ଆନ୍ଦୋଳନ ଗଢି ତୋଳିଥିଲେ ସେ ସମ୍ପର୍କରେ ଆଲୋକପାତ କରିଥିଲେ । ଗରିବ ଆଦିବାସୀ ଓ ଦଳିତ ଅବହେଳିତଙ୍କ ଉପରେ ବ୍ରିଟିଶ ଜୁଲମ ବିର୍ସାମୁଣ୍ଡାଙ୍କୁ ବ୍ୟଥିତ କରିଥିଲା ବୋଲି ନେତୃବୃନ୍ଦ ପ୍ରକାଶ କରି ବ୍ରିଟିଶ କବଳରୁ ମୁକ୍ତି ପାଇଁ ନିଜ ଜୀବନକୁ ବାଜି ଲଗାଇ ବ୍ରିଟିଶ ଶକ୍ତି ବିରୋଧରେ ଜୀବନ ଉତ୍ସର୍ଗ କରିଥିଲେ । ବର୍ତ୍ତମାନ ସମୟରେ ଗରିବ ଆଦିବାସୀଙ୍କ ସମେତ ଦଳିତ ଅବହେଳିତଙ୍କ ଉପରେ ବିଭିନ୍ନ ସ୍ତରରେ ଜୁଲମ ହେଉଥିବାରୁ ଆଜି ମଧ୍ୟ ବିର୍ସାମୁଣ୍ଡାଙ୍କ ଆଦର୍ଶ ଓ ନୀତିର ପ୍ରାସଙ୍ଗିକତା ରହିଛି ବୋଲି ନେତୃବୃନ୍ଦ ପ୍ରକାଶ କରି ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଗରିବ ଓ ଅବହେଳିତ ବର୍ଗଙ୍କ ସ୍ୱାର୍ଥ ପାଇଁ କାମ କଲେ ତାହା ତାଙ୍କ ପାଇଁ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ ବୋଲି କହିଥିଲେ । ଜିଲ୍ଲା କଂଗ୍ରେସ ସଭାପତି ଦେବବ୍ରତ ବିହାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ବିରେନ ସେନାପତି ଓ ପ୍ରଶାନ୍ତ ସେଠୀ, ପିସିସି ସଭ୍ୟ ସବୀର ହୁସେନ, ପ୍ରଭାତୀ ମିଶ୍ର, ତୁଳସୀ ନାଗ, ଓବିସି ରାଷ୍ଟ୍ରୀୟ ସଂଯୋଜକ କୈଳାସ ସାହୁ, ଇନଟକ୍ ଅଧ୍ୟକ୍ଷ ନିହାର ଦାସ ପ୍ରମୁଖଙ୍କ ସମେତ ସମ୍ପାଦିକା ପ୍ରତିମା ପାଣିଗ୍ରାହୀ, ଅମ୍ରିତ ଗୌଡ, କାର୍ଯ୍ୟନିର୍ବାହୀ ସଦସ୍ୟ ଭାସ୍କର ଖିଲ୍ଲୋ, ଦିଲ୍ଲୀପ ଜେନା, ରୁକସାନା ବେଗମ, ଓବିସି ଅଧ୍ୟକ୍ଷ ତ୍ରିଲୋଚନ ସାହୁ, ସାମାଜିକ ଗଣମାଧ୍ୟମର ସୁଧୀର ନାଥ, ବରିଷ୍ଠ ନେତା ସୁନୀଲ ପଟ୍ଟନାୟକ, ରେହେମାନ ଖାନ, ଯୁବନେତା ସାକିର ହୁସେନ ଓ ରାଜା ନାୟକ ପ୍ରମୁଖ ଉପସ୍ଥିତ ରହି ବିର୍ସାମୁଣ୍ଡାଙ୍କ ସ୍ମୃତିଚାରଣ କରିଥିଲେ । ସକାଳ ସାଢେ ୯ଟା ବେଳେ ଦଳୀୟ ନେତୃବୃନ୍ଦ ଓ କର୍ମକର୍ତ୍ତାମାନେ ସ୍ଥାନୀୟ ବିର୍ସା ଛକଠାରେ ସମବେତ ହୋଇ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ ସକାଳ ସାଢେ ୧୦ଟା ବେଳେ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟଠାରେ ଏହି ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା । ଉପରୋକ୍ତ ନେତୃବୃନ୍ଦଙ୍କ ସମେତ ବହୁ ଦଳୀୟ କର୍ମକର୍ତ୍ତାମାନେ ଉଭୟ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ବୋଲି ଜିଲ୍ଲା କଂଗ୍ରେସ ତରଫରୁ ଏକ ପ୍ରେସ୍ ବିବୃତିରେ କୁହାଯାଇଛି।

# ଧର୍ମଶାଳା ପୁସ୍ତକ ମେଳାର ଦ୍ୱିତୀୟ ସନ୍ଧ୍ୟା



ଧର୍ମଶାଳା (ପିଏନ୍): ଧର୍ମଶାଳା ସାଧାରଣତନ୍ତ୍ର ପାଳନ କମିଟି ପକ୍ଷରୁ ବାଣୀପୀଠ ପଡିଆରେ ଚାଲିଥିବା ପୁସ୍ତକ ମେଳାର ସାରସ୍ୱତ ସନ୍ଧ୍ୟାର ଦ୍ୱିତୀୟ ଦିବସ । ଏହି ଉତ୍ସବକୁ ମୁଖ୍ୟଅତିଥି ଭାବେ ଯାଜପୁର ଅତିରିକ୍ତ ଜିଲ୍ଲାପାଳ ଅକ୍ଷୟ କୁମାର ମଲିକ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରି ପୁସ୍ତକ ମଣିଷର ଏକମାତ୍ର ବନ୍ଧୁ ବୋଲି ମତପ୍ରକାଶ କରିଥିଲେ । କମିଟିର ସଭାପତି ତଥା ଧର୍ମଶାଳା ତହସିଲଦାର ସ୍ୱାଗତ ଦାଶଙ୍କ ସଭପତିତ୍ୱରେ ଆୟୋଜିତ ସାରସ୍ୱତ ସଭାର ଦ୍ୱିତୀୟ ସନ୍ଧ୍ୟାରେ ମୁଖ୍ୟବକ୍ତା ଭାବେ ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟାପିକା ଡ. ପ୍ରଜ୍ଞାପ୍ରବର୍ତ୍ତିକା ଦାଶ, ସମ୍ମାନିତ ଅତିଥିଭାବେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ନାରାୟଣ ଚନ୍ଦ୍ର ବାରିକ ଓ ଧର୍ମଶାଳା ମହାବିଦ୍ୟାଳୟର ଅଧ୍ୟକ୍ଷ ତପନ କୁମାର ମିଶ୍ର ଯୋଗଦେଇ ପୁସ୍ତକ ମେଳାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। କମିଟି ସମ୍ପାଦକ ତଥା ଥାନା ଅଧିକାରୀ ରାକେଶ ତ୍ରିପାଠୀ ଅତିଥିମାନଙ୍କୁ ସ୍ୱାଗତ ଜଣାଇଥିବା ବେଳେ ପଣ୍ଡିତ ବ୍ରଜକିଶୋର ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ। ସାହିତ୍ୟିକ ଅର୍ଜୁନ ପୃଷ୍ଟି ମଂଚ ଆମନ୍ତ୍ରଣ କରିଥିଲେ। କମିଟି ସଭ୍ୟମାନେ ଅତିଥିମାନଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ମନୋଜ କୁମାର ରଣା ଧନ୍ୟବାଦ ଅର୍ପଣ କରିଥିଲେ।

## କିଶୋର ଚନ୍ଦ୍ର ତ୍ରିପାଠୀଙ୍କ ବିୟୋଗରେ ଡଃ ଜ୍ଞାନେନ୍ଦ୍ରଙ୍କ ଶୋକ

ଭୁବନେଶ୍ୱର(ପିଏନ୍):ଲୋକସେବକ ମଣ୍ଡଳର ପୂର୍ବତନ କାର୍ଯ୍ୟକାରୀ ସଭାପତି, ବରିଷ୍ଠ ଆଜୀବନ ସଦସ୍ୟ, ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ପୂର୍ବତନ ଉପସଭାପତି ତଥା ଦୈନିକ ସମାଜର ପୂର୍ବତନ ମୁଦ୍ରାକାର ଓ ପ୍ରକାଶକ, ଅଧ୍ୟାପକ କିଶୋର ଚନ୍ଦ୍ର ତ୍ରିପାଠୀଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ କରି ଓଡ଼ିଶା ପ୍ରଦେଶ କଂଗ୍ରେସ ସେବାଦଳର ରାଜ୍ୟ ଅଧ୍ୟକ୍ଷ ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ଏକ ଶୋକବାର୍ତ୍ତାରେ କହିଛନ୍ତି ଯେ, ଲୋକସେବକ ମଣ୍ଡଳରେ ମାନନୀୟ ମନୁଭାଇଙ୍କ ନେତୃତ୍ୱରେ କାର୍ଯ୍ୟକରିବା ସମୟରେ, ଅଧ୍ୟାପକ ତ୍ରିପାଠୀଙ୍କ ମାର୍ଗଦର୍ଶନରେ କାର୍ଯ୍ୟ କରିବାର ସୁଯୋଗ ମୋତେ ମିଳିଥିଲା। ଜଣେ କଠୋର ସତ୍ୟବାଦୀ ମଣିଷ ଭାବରେ ଲୋକସେବକ ମଣ୍ଡଳରେ ତାଙ୍କର ଯଥେଷ୍ଟ ପ୍ରତିଷ୍ଠା ଥିଲା। ଜଣେ ସୁ-ମାର୍ଗଦର୍ଶକ ଭାବେ ତାଙ୍କର ମାର୍ଗଦର୍ଶନ, ମୋ ଜୀବନ ଯାତ୍ରାରେ ବହୁତ ସାହାଯ୍ୟ କରୁଛି। ତାଙ୍କ ବାକ୍ୟରେ କଠୋରତା ଥିଲେ ମଧ୍ୟ, ହୃଦୟ ଅନ୍ତତଃ ନଡ଼ିଆର ରସ ଭଳି କୋମଳ ଥିଲା। ପରଲୋକଗତ ଆତ୍ମାର ଶାନ୍ତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଏ ଦାରୁଣ ଦୁଃଖ ସହ୍ୟ କରିବାକୁ ପରମାତ୍ମା ପରମେଶ୍ୱର ଅଶେଷ ଧୈର୍ଯ୍ୟ ପ୍ରଦାନ କରନ୍ତୁ ବୋଲି ସେ କହିଛନ୍ତି।

# କଂଗ୍ରେସ ଓଡ଼ିଶାରେ ଶାସନକୁ ଫେରିଲେ କେନ୍ଦୁଝରରେ ଲୌହଶିଳ୍ପ ପ୍ରତିଷ୍ଠା ନିଶ୍ଚିତ



ଭୁବନେଶ୍ୱର (ପିଏନ୍)-କେନ୍ଦୁଝର ସହର ସ୍ଥିତ ଦୈନିକ ବୈଶ୍ୟ ସମାଜ ଠାରୁ ଭାରତଯୋଡ଼ ଯାତ୍ରା- ଓଡ଼ିଶାର ୧୩ତମ ଦିନର ଯାତ୍ରା ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ଶରତ ପଟ୍ଟନାୟକଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିଲା। ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ବିପ୍ଲବ ମିଶ୍ର ଏହି ଯାତ୍ରାର କାର୍ଯ୍ୟକ୍ରମ ସବୁ ଆୟୋଜିତ କରିଥିଲେ। ଯାତ୍ରୀମାନେ କେନ୍ଦୁଝର ସହର ପରିକ୍ରମା କରି ମଧ୍ୟାହ୍ନରେ କଂଗ୍ରେସ ଭବନ ଠାରେ ପଂହଚିଥିଲେ। ହଜାର ହଜାର ଜନସାଧାରଣ, ଆଇନଜୀବି, ଛାତ୍ରଛାତ୍ରୀ, ବ୍ୟବସାୟୀ ଓ ବିଭିନ୍ନ ବର୍ଗର ଲୋକ ଶ୍ରୀ ପଟ୍ଟନାୟକ ଏବଂ ଅନ୍ୟଯାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦେଇଥିଲେ। ଆଦିବାସୀମାନେ ଏହି ଯାତ୍ରାରେ ପାରମ୍ପରିକ ନୃତ୍ୟ କରିଯାଉଥିଲେ। ମଧ୍ୟାହ୍ନରେ ଏହି ଯାତ୍ରାର ପ୍ରଥମ ଭାଗ ଶେଷ ହୋଇଥିଲା। ଯାତ୍ରା ପୂର୍ବରୁ ଦୈନିକ ସମାଜଠାରେ ପ୍ରଦେଶ କଂଗ୍ରେସ ସଭାପତି ଏକ ସାମ୍ବାଦିକ ସମ୍ମିଳନୀରେ ଗଣମାଧ୍ୟମକୁ ସମ୍ବୋଧିତ କରି କହିଲେ ଯେ କେନ୍ଦୁଝର ଜିଲ୍ଲା ଓଡ଼ିଶା ରାଜକୋଷକୁ ସବୁଠାରୁ ଅଧିକ ଅର୍ଥ ପ୍ରଦାନ କରୁଛି। କେବଳ ଖଣି ଏବଂ ଖଣିଜଜାତ ଦ୍ରବ୍ୟରୁ ସିଧାସଳଖ ଭାବରେ ବାର୍ଷିକ ୪୫ ହଜାର କୋଟି ଟଙ୍କାରୁ ଅଧିକ ଆୟ କରୁଛନ୍ତି। ତତ୍‌ସହିତ ଜିଲ୍ଲା ଖଣିଜ ବିକାଶ ଫଣ୍ଡରେ ପାଖାପାଖି ୧୮ ହଜାର କୋଟି ଟଙ୍କା ଗଚ୍ଛିତ ଅଛି। କିନ୍ତୁ ଏହି ଆୟରୁ ୧୦ ପ୍ରତିଶତ ମଧ ଏ ଜିଲ୍ଲାର ଜନସାଧାରଣଙ୍କ ବିକାଶ ପାଇଁ ଖର୍ଚ୍ଚ କରାଯାଉ ନାହିଁ। ଏ ଅଂଚଳର ଯୁବକ ରାଜ୍ୟ ବାହାରେ ପକ୍କାକାମ କରୁଛନ୍ତି ବା ଦିନମଜୁରିଆ ଭାବେ କାମ କରୁଛନ୍ତି। ଏ ଅଂଚଳର ଶିକ୍ଷିତ ଯୁବକ ଯୁବତୀମାନେ ବର୍ଷବର୍ଷ ଧରି ରୋଜଗାର ଅପେକ୍ଷାରେ। ୨୨ ବର୍ଷ ଭିତରେ ନବୀନ ସରକାର ଏ ରାଜ୍ୟର ଏକ ଶିଳ୍ପ ପ୍ରତିଷ୍ଠା କରିନାହାନ୍ତି। ଯଦିବା ଏ ଅଂଚଳରୁ ଲୁହାପଥର ଭାରତବର୍ଷର ଏବଂ ଭାରତ ବାହାରେ ବିଭିନ୍ନ ପ୍ରାନ୍ତକୁ ଯାଉଛି। ଏ ହେଉଛି ନବୀନବାବୁଙ୍କର ଏ ରାଜ୍ୟ ଏବଂ ଜିଲ୍ଲା ପ୍ରତି ନିଷ୍ଠା। କେନ୍ଦୁଝର ଜିଲ୍ଲା ଏକ ଆଦିବାସୀବହୁଳ ଜିଲ୍ଲା। ଏ ଅଂଚଳର ୬୭% ମହିଳା ରକ୍ତହୀନତାରେ ଶିକାର, ଶିଶୁ ମୃତ୍ୟୁହାର ସବୁଠାରୁ ଅଧିକ। ମାତୃ ମୃତ୍ୟୁହାର ମଧ ବହୁ ଉଚ୍ଚସ୍ତରରେ। ଏ ଅଂଚଳର ସମ୍ପଦକୁ ନିର୍ଦ୍ଦିଷ୍ଟ କିଛି ଗୋଷ୍ଠି ସଂପୂର୍ଣ୍ଣ ଉପଭୋଗ କରନ୍ତି। ଜିଲ୍ଲାର ପ୍ରଶାସନିକ ଅଧିକାରୀ ତଥା ଲୋକସେବା ଭବନରେ ବସିଥିବା ଅଧିକାରୀମାନେ ଜନସାଧାରଣଙ୍କ ପ୍ରତି ଦାୟିତ୍ୱ ଓ କର୍ତବ୍ୟକୁ ସଂପୂର୍ଣ୍ଣ ଭୁଲିଯାଇ କେବଳ ଭାରତୀୟ ଜନତାପାର୍ଟିର ଦଳୀୟ କର୍ମଚାରୀ ଭାବରେ କାର୍ଯ୍ୟକରୁଛନ୍ତି। ଏଥିରୁ ଶୀଘ୍ର ନିବୃତ ରୁହନ୍ତୁ। କଂଗ୍ରେସ ଯଦି ରାଜ୍ୟରେ ସରକାର କରିବ କେନ୍ଦୁଝର ଜିଲ୍ଲାରେ ନିଶ୍ଚିତ ଦୁଇଟି ଲୌହଭିତିକ ବଡ଼ଶିଳ୍ପ କାରଖାନା ପ୍ରତିଷ୍ଠା କରାଯିବ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଂଜନ ପଟ୍ଟନାୟକ, ଜୟଦେବ ଜେନା, ଗଣେଶ୍ୱର ବେହେରା, ଭୂଜବଳ ମାଝୀ, ନବଜ୍ୟୋତି ପଟ୍ଟନାୟକ, ମାନସ ଚୌଧୁରୀ, ମନୋଜ ଜେନା, ବନ୍ଦିତା ପରିଡ଼ା, ୟାସିର ନଓ୍ୱାଜ, ସନତ ଦାସ, ବିଶ୍ୱଜିତ ଦାଶ, ଆଲୋକ ମିଶ୍ର, ବାଙ୍କନିଧି ବେହେରା, ମନୋରଂଜନ ରାଉତ, ମୋହନ ପରିଡ଼ା, ସଂଗିତା ସିଂ, ସଂଗ୍ରାମ ଦାସ, ଫେଲୁ ମିଶ୍ର, ମନୋଜ ସାହୁ, ମନୋଜ ବିଶ୍ୱାଳ, ଦୀପକ ମହାପାତ୍ର, ପ୍ରଭାତ ପ୍ରତାପ ସିଂ, ସଂଜୟ ତ୍ରିପାଠୀ, କୈଳାସ ସାହୁ, ଜ୍ଞାନରଂଜନ ପଟ୍ଟନାୟକ, ବସନ୍ତ ଦାସ, ହାଡ଼ି ଖୁଂଟିଆ, ଦୀପ୍ତିରାଣୀ ପ୍ରଧାନ, ସୁଶାନ୍ତ ତ୍ରିପାଠୀ, ହଳଧର ସେଠୀ, ରଂଜିତ ପାତ୍ର, ସ୍ୱାଗତ କର, ଶୁଭମ ରାଜ, ସୁନେଶ ଧିର, ପ୍ରୀତମ ସାହୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ତେଲକୋଇର ଜଗମୋହନପୁରଠାରେ ମୋହନ ହେମ୍ବ୍ରମ ଏବଂ ପ୍ରଦୀପ ଧୀର ପ୍ରମୁଖ ବହୁ କଂଗ୍ରେସ ନେତା ସ୍ୱାଗତ ସମ୍ବର୍ଦ୍ଧନା ଦେଇଥିଲେ। ଅପରାହ୍ନରେ ପାଳଲହଡାଠାରେ ଭାରତ ଯୋଡ଼ ଯାତ୍ରା- ଓଡ଼ିଶା ପଂହଚିଥିଲା। ସମଗ୍ର ପାଳଲହଡ଼ା ସହରାଂଚଳକୁ ପରିକ୍ରମା କରାଯାଇଥିଲା। ଏଠାରେ ଥିବା ମହାତ୍ମା ଗାନ୍ଧୀ, ବିର୍ଶା ମୁଣ୍ଡା, ଇନ୍ଦିରା ଗାନ୍ଧୀଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏଠାରେ ଉପସ୍ଥିତ ଜନସାଧାରଣଙ୍କୁ ସମ୍ବୋଧିତ କରି କହିଥିଲେ ଯେ ବର୍ଷକୁ ମୋଦି ୨କୋଟି ଚାକିରି ଦେବା କଥା କହିଥିଲେ ଏବଂ ନବୀନବାବୁ ୨ଲକ୍ଷ ଚାକିରି କଥା କହିଥିଲେ। ୨୨ ବର୍ଷରେ ୪୪ ଲକ୍ଷ ଯୁବକଙ୍କୁ ରାଜ୍ୟ ସରକାର ଚାକିରି ଦେବା କଥା ଏବଂ ୧୮ କୋଟି ଯୁବକ ଭାରତବର୍ଷରେ ରୋଜଗାର ପାଇବା କଥା କିନ୍ତୁ ପାଇଛନ୍ତି କି? ଦରଦାମ ଆଜି ଆକାଶଛୁଆଁ, ଅଟା, ଗୁଡ଼, ମୁଢ଼ି, ଚୁଡ଼ା, ଛତୁଆ ଉପରେ ମଧ ଟ୍ୟାକ୍ସ ଲଗାଯାଇଛି। ସାଧାରଣ ଜନତା ହନ୍ତସନ୍ତ। ଚାଷୀର ଆୟ ସର୍ବନିମ୍ନ, ଯୁବକମାନଙ୍କ ପାଖରେ ରୋଜଗାର ନାହିଁ କିନ୍ତୁ ମୁଖ୍ୟମନ୍ତ୍ରୀ ଏକ ନମ୍ବର ପ୍ରଧାନମନ୍ତ୍ରୀ ବିଶ୍ୱଗୁରୁ, ଏହା କେବଳ ଗଣମାଧ୍ୟମରେ ସମ୍ଭବ। ପାଳଲହଡ଼ାଠାରେ ଅନୁଗୁଳ ଜିଲ୍ଲା କଂଗ୍ରେସ ସଭାପତି ବିପ୍ଳବ ଜେନା ପାଳଲହଡ଼ାର ବିଧାନସଭା କଂଗ୍ରେସ ପ୍ରାର୍ଥୀ ସୁବ୍ରତ ଗଡ଼ନାୟକ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧରେ ପୂର୍ବତନ ମନ୍ତ୍ରୀ ନବୀନ ଚନ୍ଦ୍ର ନାରାୟଣ ଦାସ, ସସ୍ମିତା ବେହେରା, ସୁନିଲ ଦାସ, ବିଜୟାନନ୍ଦ ଚାଉଳିଆ, ଲୋକନାଥ ମହାରଥି, ସଂକୁନା କହଁର, ରାଜକିଶୋର ସାହୁ, ସଂଗ୍ରାମ କେଶରୀ କୁହଁର, ପ୍ରଦ୍ୟୁମ୍ନ ସାହୁ, ସୁଶ୍ରୀ ଶାନ୍ତି, ଉମା ସାହୁ, ରଶ୍ମି ପାଢ଼ୀ, ଜୟନ୍ତ ସାହୁ, ତପନ ପ୍ରଧାନ, ମହମ୍ମଦ ସାହାଦୁଲ୍ଲା, ବଲବିର ସିଂ,ନଗେନ ବିନାୟକ, ଲୁପୁ ଥାପା, ଟିକନ ବେହେରା ପ୍ରମୁଖ ଅଂଶଗ୍ରହଣ କରିଥଲେ ବୋଲି ଭାରତ ଯୋଡ଼ ଯାତ୍ରା- ଓଡ଼ିଶାର ମିଡ଼ିଆ ଇନଚାର୍ଜ ପ୍ରକାଶ ମିଶ୍ର ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି।




# ଅଷ୍ଟମୀ ପିଠା, ମନର କଥା



ଆମେ ଓଡ଼ିଆ , ଭାରି ବଢ଼ିଆ - ଏ ଉକ୍ତିଟି ବୋଧହୁଏ ସମସ୍ତେ କଥାକଥାରେ ବ୍ୟବହାର କରୁଥିବେ। ଓଡ଼ିଆତ୍ୱର ବିଶେଷତା ସାରା ବିଶ୍ୱରେ ଅନନ୍ୟ। ଏ ମାଟିର ବାସ୍ନା ଅଲଗା, ଆମ ରାଇଜର ପବନର ଶିହରଣ ବି ଅଲଗା। ଏଠି ପୂଜା, ପର୍ବଠୁ ଆରମ୍ଭ କରି ପିଠା, ମିଠା ଯାଏଁ ସବୁକିଛି ସ୍ୱତନ୍ତ୍ରତାର ଗାଥା ଗାଏ। ଓଡ଼ିଆ-ଏକ ଜାତିର ଅସ୍ମିତା। ବାର ମାସରେ ତେର ପରବ-ଆମ ଓଡିଆଙ୍କ ମହାନତାର ପରିଚୟ। ଓଡ଼ିଶା-ଏକ ରାଜ୍ୟ ନୁହେଁ ବରଂ ସ୍ପନ୍ଦନ ଆଉ ଅନୁଭବର ଏକ ଫେଣ୍ଟାଫେଣ୍ଟି ମିଶ୍ରଣ। ଏ ମାଟି ମାଣବସା ଗୁରୁବାର ହେଉ କି ରଜ ସଂକ୍ରାନ୍ତି କିମ୍ବା ପ୍ରଥମାଷ୍ଟମୀ- ଏସବୁରେ ଓଡ଼ିଆ ମନ ଆଉ ପ୍ରାଣର ପ୍ରତିବେଦନ ଖୁବ ନିଆରା। ଆଉ ଆଜି ପ୍ରଥମାଷ୍ଟମୀ। ଓଡ଼ିଆଙ୍କ ପାଇଁ ଏ ପର୍ବ ବେଶ ଗୁରୁତ୍ୱ ବହନ କରେ। ଖାସ କରି ଘରର ବଡ଼ପୁଅ ଆଉ ଝିଅଙ୍କ ପାଇଁ। ପ୍ରଥମାଷ୍ଟମୀରେ ଓଡ଼ିଆ ଘରର ରୀତିନୀତି ଅନୁଯାୟୀ ଘରର ବଡ଼ ପୁଅ ଆଉ ଝିଅ ନୂଆ ଡ୍ରେସ ପିନ୍ଧି ଏକ ଅହେତୁକ ମାଦକତାରେ ଭରିଯାଆନ୍ତି।

ଶୀର୍ଷକ ଅଷ୍ଟମୀ ପିଠା କେବଳ ମୋ ପାଇଁ ନୁହଁ ମୋ ପରି ଘରର ସବୁ ବଡ଼ ପୁଅ ଝିଅଙ୍କ ପାଇଁ ଅଷ୍ଟମୀ ଦିନର ଏକ ନିତିଦିନିଆ ପ୍ରଥା। ସକାଳ ହେଉ ହେଉ ହଳଦୀ ପତରରେ ତିଆରି ଏଣ୍ଡୁରିପିଠା, ସୁଜି ମଣ୍ଡା, ସୁଜି କାକାରା ଆଉ ତା' ସହ ଭଳିକି ଭଳି ମିଠା ଆସି ସକାଳ ଖାଇବାରେ ପରଶାଯାଏ। ଗାଁ ଗହଳିରେ ଏସବୁର ମଜା ଆହୁରି ଅଲଗା। ସହରିଆ ସିନା ଗ୍ୟାସ ଚୁଲାରେ ପିଠା କରୁଛନ୍ତି; ହେଲେ ଗାଁର ସେଇ ଚୁଲିରନ୍ଧା ଖାଇବାଠୁ ପିଠା ଯାଏଁ ସବୁର ସ୍ୱାଦ ନିଆରା। ଚୁଲିମୁହଁରୁ ଧୂଆଁ ଆଖି ଯାଏ ଭାସିଆସେ ଆଉ ସେପଟୁ ପିଠାର ବାସ୍ନା। ବାସ୍... ଏତିକି ତ ମନ ଭିତରେ ପର୍ବପର୍ବାଣୀର ସେ ଦୃଶ୍ୟପଟ୍ଟକୁ ରୋମନ୍ଥନ କରିଦିଏ। ଆଗରୁ ମାମୁଁଘର ଡ୍ରେସକୁ ଅପେକ୍ଷା କରି ରହୁଥିଲେ। ମାମୁଁଘରୁ ଭାର ନେଇ ମାମୁଁ କି ମାମୁଁଘର ଲୋକ ଆସନ୍ତି। କିନ୍ତୁ ଏବେ ସେ ସମୟ ବଦଳିଯାଇଛି। ଆମ ମନୋଭାବ ବି ବଦଳିଛି। ଡ୍ରେସ ପିନ୍ଧିବାର ଢାଂଚା ବି ବଦଳିଛି। ଏବେ ଡିଜିଟାଲ ଯୁଗ ସହ ତାଳଦେଇ ଆମେ ଗତିକରୁଛେ। ଆଜି ଆଉ ସେ ପିଠାର ମହକ ନାହିଁ। କାଁ ଭାଁ ହଳଦିପତର ବଜାରରେ ଦେଖାଯାଉଛି। ଆଉ କିଏ ହଳଦୀପତରରେ ଏଣ୍ଡୁରିପିଠା କରିବାର କଥା ଭାବିବେ ବା କାହିଁ, ଏବେ ତ ଅନଲାଇନରେ ସ୍ୱିଗି ଆଉ ଜୋମାଟୋ ଅଛି। ଡିଜିଟାଲରେ ବି ଟଙ୍କା ପଠାଇହଉଛି ଆଉ ଅନଲାଇନରେ ଡ୍ରେସ୍। ସବୁକିଛି ଏବେ ଆଧୁନିକତାକୁ ସ୍ପର୍ଶ କରିସାରିଲାଣି। ଆଉ କାହାରି ସେ ସୁଜି କାକାରା ଖାଇବାକୁ ମନ ନାହିଁ। ସମୟ ସହ ଏ ପ୍ରଥା ବି ଏବେ ଲୋପ ପାଇବାକୁ ବସିଲାଣି।

ସକାଳୁ ଯେବେ ଆଜି ମୋବାଇଲ ଫୋନ ଖୋଲିଛି, ସମସ୍ତଙ୍କ ସୋସିଆଲ ମିଡ଼ିଆରେ ଭଳିକି ଭଳି କ୍ୟାପ୍ସନ୍, ନୂଆ ଡ୍ରେସର ଝଲକ। ଏସବୁ ଦେଖି ପିଲାଦିନର ଅଷ୍ଟମୀ ପାଳନର କଥା ମନେପଡ଼ିଗଲା। ଆଉ ସେଦିନ ସବୁ ନାହିଁ। ମୋର ମନେଅଛି ମୁଁ ଯେବେ ପିଲା ହୋଇଥିଲି ମାମୁଁଘରେ ସେ ଚୁଲିମୁଣ୍ଡ ପାଖରେ ବସିବାର ସ୍ମୃତି ଏବେ ବି ତାଜା ଅଛି। ଆଖିରୁ ପାଣି ଆସିଯାଉଥିବ ହେଲେ ସେଠୁ ଉଠିବାକୁ ମନ କହୁନଥିବ। ଏଇଟା ହିଁ ତ ଚୂଲି ଆଉ ଗ୍ୟାସ ଭିତରର ଫରକ। ଅଷ୍ଟମୀ ଆଉ ମାମୁଁଘର ଏ ଦୁଇଟା ଶବ୍ଦ ଘରର ବଡ଼ ପୁଅ ଝିଅଙ୍କ ପାଇଁ ଖୁବ୍ ଜଣାଶୁଣା। କିନ୍ତୁ ଆଉ ଏବେ ପାଠପଢ଼ାର ବ୍ୟସ୍ତତା ତଥା ଅନ୍ୟାନ୍ୟ କାମ ଯୋଗୁଁ ଆଉ ସେ ପିଠାର ସ୍ୱାଦ ପାଇପାରୁନି। ଇଚ୍ଛା ଥିଲେ ବି ବାହାରର ସେ ପିଠା ଆଉ ଗାଁର ପିଠା ଭିତରେ ଅନେକ ଫରକ ଦେଖିବାକୁ ପାଉଛି। ଆଉ ସେ ମହକ ବି ମନରେ ଆସୁନି। ସବୁଦିନ ପରି ଅଷ୍ଟମୀ ବି ଗୋଟେ ସାଧାରଣ ଦିନ ପରି ବିତିଯାଉଛି। ନା ଅଛି ହଳଦୀପତରର ବାସ୍ନା; ଆଧୁନିକତାର ଚାକଚକ୍ୟ ଭିତରେ ଏବେ ଆମ ମନ ଭିତରୁ ଏସବୁ ଲିଭିବାକୁ ଲାଗିଲାଣି। ଆଜିକାଲିର ପିଲାଙ୍କୁ ଏ ପର୍ବର ବିଶେଷତା କଥା ପଚାରିଲେ ବି ଉଣାଅଧିକେଙ୍କ ଛଡ଼ା ଆଉ କେହି ଜାଣିନଥିବେ। ଆଜିର ଦିନରେ ଏ ପ୍ରସଙ୍ଗକୁ ଉଠାଇବାର ଅର୍ଥ ଏହା କି ସାମ୍ପ୍ରତିକ ସମୟରେ ଯୁବଗୋଷ୍ଠୀ ଆଧୁନିକତା ସହ ଆମ ପରମ୍ପରାକୁ ବି ସମ ଭାବରେ ନଜର ଦେବା ଆବଶ୍ୟକ। କାରଣ ପ୍ରଥା ଆଉ ପରମ୍ପରା ହିଁ



ଆମ ଓଡ଼ିଆଙ୍କ ଏକ ପ୍ରମୁଖ ଆଧାର। ଆଜି ବି ଗାଁମାନଙ୍କରେ ପ୍ରଥମାଷ୍ଟମୀର ଝଲକ ଦେଖିଲେ ମନେହୁଏ ଯେ ଆମ ଭିତରୁ ଅନେକ ଏବେ ବି ଏ ପରମ୍ପରାକୁ ମାନୁଛନ୍ତି। ଯୁଗ ଯଦିଓ ଆଧୁନିକତାକୁ ସ୍ପର୍ଶ କରିଛି ତଥାପି ଗାଁଗହଳିରେ ଏ ପ୍ରଥା ଏବେ ବି ବେଶ ସୁନ୍ଦର ଭାବରେ ପାଳନ କରାଯାଉଛି। ଘରର ବଡ଼ ପୁଅଙ୍କୁ ନୂଆ ଡ୍ରେସ ଦେବା ହେଉ କି ପିଠାପଣା ଆଉ ମିଠାର ସମ୍ଭାର, ଏସବୁକୁ ବେଶ ଆଡ଼ମ୍ବର ସହକାରେ ମନାଯାଉଛି। ଆମେ ଓଡିଆ ବୋଲି ପରିଚୟ ଦେବାକୁ ଆଉ ଅଧିକ କ'ଣ ବା ପ୍ରମାଣ ଦିଆଯାଇପାରେ ? ?

କହିବା ବାହୁଲ୍ୟ ଯେ କେବଳ ପ୍ରଥମାଷ୍ଟମୀ ନୁହେଁ, ଏମିତି ଅନେକ ପରମ୍ପରାକୁ ଏବେ ଆଗକୁ ଆଣିବାର ସମୟ ଆସିଛି। ଆମେ ଓଡିଆ ବୋଲି ଏକ ସ୍ୱତନ୍ତ୍ର ପରିଚୟ ସମସ୍ତଙ୍କ ଆଗରେ ଦେଖାଇବାର ବେଳ ଆସିଛି। ଆଜି ପ୍ରଥମାଷ୍ଟମୀରେ ଆମେ ଏହାକୁ ପଣ କରିବା। ଆଗକୁ ସବୁ ଓଡ଼ିଆ ପର୍ବପର୍ବାଣିରେ ନିଜକୁ ଓଡିଆ ବୋଲି ପ୍ରମାଣିତ କରିବା। ଆଧୁନିକତା ଭିତରେ ବି ଆମ ପ୍ରଥା ଆଉ ପରମ୍ପରାକୁ ସମ୍ମାନ ଦେବା। ତା'ହେଲେ ଯାଇ ଗର୍ବରେ କହିପାରିବା - ମୁଁ ଓଡିଆ, ଭାରି ବଢ଼ିଆ...

**ଡି ଶୁଭମ୍, କୃଷି ସ୍ନାତକୋ□ର, ମୃ□କା ବିଜ୍ଞାନ, ସୋଆ, ଭୁବନେଶ୍ୱର, ମୋ-୯୪୩୮୪୬୭୦୭୯**

## ଉତ୍କଳ ବୁଲେଟିନ୍ ଚାରିଟେବୁଲ୍ ଟ୍ରଷ୍ଟ ପକ୍ଷରୁ ବସ୍ତ୍ର ବଣ୍ଟନ କାର୍ଯ୍ୟକ୍ରମ



ଭୁବନେଶ୍ୱର (ପିଏନ୍): ଭୁବନେଶ୍ୱରସ୍ଥିତ ବମିଖାଲ ଲେବଲ କ୍ରସିଂ ବସ୍ତିରେ ୩୦ରୁ ଊର୍ଦ୍ଧ୍ୱ ପରିବାରକୁ ଉତ୍କଳ ବୁଲେଟିନ୍ ଚାରିଟେବୁଲ୍ ଟ୍ରଷ୍ଟ ପକ୍ଷରୁ ବସ୍ତ୍ର ବଣ୍ଟନ କରାଯାଇଛି। ଏହି ବସ୍ତ୍ର ବଣ୍ଟନ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଶହୀଦ ରଘୁ-ଦିବାକର ସ୍ମୃତି ସଂସଦର ସାଧାରଣ ସମ୍ପାଦକ ବ୍ରଜବନ୍ଧୁ ପରିଡ଼ା ଯୋଗଦେବା ସହିତ ସମ୍ମାନିତ ଅତିଥି ଭାବେ ଟ୍ରଷ୍ଟର ସମ୍ପାଦକ ମଦନମୋହନ ପାଢ଼ୀ ଉପସ୍ଥିତ ରହିଥିଲେ। ଏଥିରେ ସମାଜସେବୀ ସମିତା ମହାରଣା ମୁଖ୍ୟବକ୍ତା ଭାବେ ଯୋଗଦେଇ ଏହିଭଳି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ବିଭିନ୍ନ ସେବାମୂଳକ କାର୍ଯ୍ୟକ୍ରମମାନ ଅନୁଷ୍ଠିତ କରାଯାଉଥିବା ବେଳେ ଆଗାମୀ ଶୀତକୁ ଲକ୍ଷ୍ୟ ରଖି ଏହି ବସ୍ତ୍ରବଣ୍ଟନ କାର୍ଯ୍ୟକ୍ରମ କରାଗଲା ବୋଲି ଟ୍ରଷ୍ଟ ପକ୍ଷରୁ କୁହାଯାଇଛି। ଅନୁଷ୍ଠିତ ଏହି ବସ୍ତ୍ର ବଣ୍ଟନ କାର୍ଯ୍ୟକ୍ରମକୁ ସମାଜସେବୀ ନାରାୟଣ ଖୁଣ୍ଟିଆ, ପ୍ରିୟବ୍ରତ ବାରିକ ପରିଚାଳନା କରିଥିଲେ। ଭୁବନେଶ୍ୱରର ବମିଖାଲ କଲରା ବସ୍ତିଠାରେ କାର୍ଯ୍ୟକ୍ରମକୁ ଅରବିନ୍ଦ ତ୍ରିପାଠୀ ସଂଯୋଜନା କରିଥିବା ବେଳେ ଧନ୍ୟବାଦ ଅର୍ପଣ କରିଥିଲେ ସୀତାଂଶୁ ଶେଖର ମହାରଣା।

# ଜନଜୀବନର ପ୍ରତୀକ-ବକ୍ସିପାତ୍ର

**ସୁବ୍ରତ କୁମାର ନନ୍ଦ**



ସାଧାରଣ ଜନଜୀବନରେ ରାଜ୍ୟର ଯେଉଁ କେତେଜଣ ରାଜନେତା ସେମାନଙ୍କର ସ୍ୱଚ୍ଛତାର ଭାବମୂର୍ତ୍ତି ସୃଷ୍ଟି କରିଯାଇଛନ୍ତି, ସେମାନଙ୍କ ମଧ୍ୟରେ ହରିଶ୍ଚନ୍ଦ୍ର ବକ୍ସିପାତ୍ର ଅନ୍ୟତମ। ରାଜ୍ୟର ଜଣେ ଅଗ୍ରଣୀ ଜନନେତା ହିସାବରେ ତାଙ୍କର କାର୍ଯ୍ୟକଳାପ ଆଗାମୀ ଜନଜୀବନ ପାଇଁ ଆଦର୍ଶର ଉତ୍ସ। କୋରାପୁଟରୁ ନିଜର ରାଜନୈତିକ ଜୀବନ ଆରମ୍ଭ କରି ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ହେବା ସଙ୍ଗେ ସଙ୍ଗେ ସାଧାରଣ ଜନଜୀବନକୁ ତାଙ୍କର କାର୍ଯ୍ୟକଳାପ ବ୍ୟାପକ ଭାବରେ ପ୍ରଭାବିତ କରିଥିଲା। ମେହନତୀ ମଣିଷର ଜୀବନଧାରଣର ମାନକୁ ଉନ୍ନତ କରିବା ପାଇଁ ଅବିଭକ୍ତ କୋରାପୁଟ ଜିଲ୍ଲାରେ ରୟତ ଆନ୍ଦୋଳନଠାରୁ ଆରମ୍ଭ କରି ତାଙ୍କର ସଂଗ୍ରାମୀ ଜୀବନ କୋରାପୁଟ ଜନଜୀବନରେ ଉଜ୍ଜୀବିତ ହୋଇ ରହିଥିଲା। ଗତବର୍ଷ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିବା ପ୍ରତିମୂର୍ତ୍ତି ନିକଟରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଏକାଠି ହୋଇଥିବା ଲୋକମାନଙ୍କର ସମାଗମ ହିଁ ପ୍ରତିପାଦିତ କରୁଥିଲା ଯେ ବର୍ତ୍ତମାନର ରାଜନୈତିକ ନେତୃବୃନ୍ଦଙ୍କ ଅପେକ୍ଷା ତାଙ୍କର ଜୀବନ ଆଦର୍ଶ ଓଡ଼ିଶା ପାଇଁ ଏକ ନୂତନ ଦିଗ୍‌ଦର୍ଶନ ସୃଷ୍ଟି କରୁଥିଲା। ସମାଜର ସବୁ ଶ୍ରେଣୀର ଲୋକଙ୍କର ଏହି ଉତ୍ସବରେ ଯୋଗଦାନ ନିଶ୍ଚିତ ରୂପେ ଆଗାମୀ ପିଢ଼ୀ ପାଇଁ ନୂତନ ଦିଗ୍‌ଦର୍ଶନ ସୃଷ୍ଟି କରୁଥିଲା। ସମସ୍ତ ରାଜନୈତିକ ବାଛବିଚାରର ଊର୍ଦ୍ଧ୍ୱରେ ରହି ରାଜନୈତିକ ନେତୃମଣ୍ଡଳୀ ତାଙ୍କ ପ୍ରତିମୂର୍ତ୍ତି ନିକଟରେ ଉପସ୍ଥିତ ରହି ତାଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ରାଜ୍ୟରେ ସୀମା ଆନ୍ଦୋଳନ ଠାରୁ ଆରମ୍ଭ କରି ଶ୍ରମିକ ଆନ୍ଦୋଳନ ସର୍ବୋପରି ରାଜ୍ୟରେ ସାମଗ୍ରୀକ ବିକାଶ ଓ ଶିଳ୍ପ ଭିତ୍ତିଭୂମିର ପରିକଳ୍ପନା ତାଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିଲା। ଆଗାମୀ ଓଡ଼ିଶାର ନୂତନ ଶିକ୍ଷାନୀତି ଓ ଶିକ୍ଷାର ପ୍ରସାର ତାଙ୍କର ମନ୍ତ୍ରୀତ୍ୱକାଳ ମଧ୍ୟରେ ତାଙ୍କର ରାଜ୍ୟବାସୀଙ୍କ ପ୍ରତି ଥିଲା ଉପହାର। ଜୟପ୍ରକାଶ ଆନ୍ଦୋଳନଠାରୁ ଆରମ୍ଭ କରି ମଣ୍ଡଳ କମିଶନର ସୁପାରିଶ, ଜରୁରୀ ପରିସ୍ଥିତିର ସମୟ ସବୁଥିଲେ ସେ ଥିଲେ ଆଗଧାଡ଼ିର କର୍ଣ୍ଣଧାର। ସମସ୍ତ ରାଜନୈତିକ ଚେତନା ତାଙ୍କ ନିକଟରେ ଭରପୁର ହୋଇ ଥିଲା। ରାଜ୍ୟର ଜନଜୀବନକୁ ସ୍ୱାଧୀନତା ପରେ ଦୀର୍ଘ ୫ ଦଶନ୍ଧି ଧରି ସେ ଆଗେଇ ନେଇଥିଲେ। ଏଭଳି ଜଣେ ରାଜନୈତିକ ବ୍ୟକ୍ତିତ୍ୱ ଓଡ଼ିଶା ରାଜନୀତିରେ ବିରଳ। ରାଜନୈତିକ କାର୍ଯ୍ୟକ୍ରମଠାରୁ ଆରମ୍ଭ କରି ଦୁର୍ନୀତିମୁକ୍ତ ଓଡ଼ିଶା ଗଠନ ଓ ଅଣକଂଗ୍ରେସ ରାଜନୀତିରେ ଓଡ଼ିଶାରେ ମୂଳଦୂଆ ପକାଇବାରେ ସେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ। ତାଙ୍କରି ଉଦ୍ୟମ ଯୋଗୁଁ ଆଜି ରାଜ୍ୟରେ ଅଣକଂଗ୍ରେସ ରାଜନୀତିର ମହାସ୍ରୋତ ଆଗେଇ ଚାଲିଛି। ତାଙ୍କର କାର୍ଯ୍ୟକ୍ରମ ସବୁବେଳେ ସାଧାରଣ ଜନତାକୁ ପ୍ରଭାବିତ କରୁଥିଲା। ଆଗାମୀ ଓଡ଼ିଶାର ନିର୍ମାଣରେ ତାଙ୍କର ଅବଦାନକୁ ସମସ୍ତେ ମନେ ରଖିବେ। ଶ୍ରମିକ ରାଜନୀତିରେ ସେ ସୃଷ୍ଟି କରିଥିବା ସଂଗ୍ରାମୀମାନେ ଆଜି ଓଡ଼ିଶା ରାଜନୀତିରେ ବିଗତ ଦୁଇ ଦଶନ୍ଧି ଧରି ଆଗଧାଡ଼ିର ନେତୃତ୍ୱ ନେଉଛନ୍ତି। ତାଙ୍କର ଜୀବନକାଳର ସଂଗ୍ରାମୀ ଜୀବନର କାହାଣୀ ଯଦି କିଛି ଆଜିକାର ଯୁବପିଢ଼ୀ ଗ୍ରହଣ କରନ୍ତି, ତା'ହେଲେ ତାହା ହେବ ତାଙ୍କର ଜୀବନ ପ୍ରତି ଶ୍ରେଷ୍ଠ ସମ୍ମାନ। ବିଗତ ଦୁଇ ଦଶନ୍ଧି ଧରି ତାଙ୍କର ଜୟନ୍ତୀ ଉତ୍ସବ ରାଜ୍ୟସ୍ତରରେ ପାଳନ କରାଯାଇ ଓଡ଼ିଶାର ସାମ୍ପ୍ରତିକ ରାଜନୈତିକ ସ୍ଥିତି ଓ ଦେଶର ରାଜନୈତିକ ପରିସ୍ଥିତି ଉପରେ ବ୍ୟାପକ ଭାବରେ ଆଲୋଚନା କରାଯାଉଛି। ଆଜି ତାଙ୍କର ଜନ୍ମଜୟନ୍ତୀରେ ତାଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିବା ସଙ୍ଗେ ସଙ୍ଗେ ମଣିଷର ଜୀବନ କାହାଣୀ ସାଧାରଣ ଜୀବନକୁ ପ୍ରଭାବିତ କରୁ, ଏହାହିଁ ଆଜି ଦିବସର ଆହ୍ୱାନ।

# ଦ୍ୱାଦଶ ଦିନରେ ଭାରତ ଯୋଡ଼ ଯାତ୍ରା-ଓଡ଼ିଶା



ଭୁବନେଶ୍ୱର (ପିଏନ୍)-ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ଶରତ ପଟ୍ଟନାୟକଙ୍କ ନେତୃତ୍ୱରେ ଯଶିପୁରଠାରୁ 'ଭାରତ ଯୋଡ଼ - ଓଡ଼ିଶା'ର ଦ୍ୱାଦଶ ଦିନର ଯାତ୍ରା ଆରମ୍ଭ ହୋଇଥିଲା। ଏହି ଯାତ୍ରାକୁ ମୟୁରଭଂଜ ଜିଲ୍ଲା ସଭାପତି ଶ୍ରୀ ହେମନ୍ତ ଦାସ ପରିଚାଳନା କରିଥିଲେ। ଭାରତ ଯୋଡ଼ ଯାତ୍ରୀମାନେ ଯଶିପୁର ବଜାର ପରିକ୍ରମା କରିବା ପରେ ମଧ୍ୟାହ୍ନରେ ତଟୋଠାରେ ପଂହଚିଥିଲେ। ତଟୋଠାରେ ମଧ୍ୟାହ୍ନ ବିରତିପରେ ସାରା କରିଆ ସହରକୁ ଯାତ୍ରୀମାନେ ପରିକ୍ରମା କରିଥିଲେ। ଏହି ପରିକ୍ରମା ସମୟରେ ମହିଳା ସଂଗଠନ, ବ୍ୟବସାୟୀ, ବେକାର ଯୁବକ ଯୁବତୀ, ଛାତ୍ରଛାତ୍ରୀ, ମାର୍କେଟ କମିଟି ଏବଂ ସାଧାରଣ ଜନତା ରାସ୍ତାକୁ ଆସି ଶ୍ରୀ ପଟ୍ଟନାୟକଙ୍କୁ ସ୍ୱାଗତ କରିବା ସହ ଏଠିକାର ସମସ୍ୟା ସଂପର୍କରେ ଅବଗତ କରାଇଥିଲେ। ବରିଷ୍ଠ କଂଗ୍ରେସ ନେତା ରାଜନ ସାହୁ ଏବଂ ଶ୍ରୀ ଭୁବନ ସାହୁ କରିଆରେ ଏହି କାର୍ଯ୍ୟକ୍ରମକୁ ଆୟୋଜନ କରିଥିଲେ। ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ଶରତ ପଟ୍ଟନାୟକ ଏବଂ ଭାରତ ଯୋଡ଼ ଯାତ୍ରା- ଓଡ଼ିଶାର ଯାତ୍ରୀଙ୍କୁ ପୂର୍ବତନ ପିସିସି ସଭାପତି ଶ୍ରୀ ନିରଂଜନ ପଟ୍ଟନାୟକ, ପୂର୍ବତନ ପିସିସି ସଭାପତି ଶ୍ରୀ ଜୟଦେବ ଜେନା, ଜିଲ୍ଲା କଂଗ୍ରେସ ସଭାପତି ବିପ୍ଳବ ମିଶ୍ର, ଆଲୋକ ମିଶ୍ର, ସୁଶ୍ରୀ ସଂଗିତା ସିଂ, ଭେନୁ ମିଶ୍ର, ଶ୍ରୀ ମୋହନ ପରିଡ଼ା, ଜୟନ୍ତ ସାହୁ, ମନୋରଂଜନ ରାଉତ ପ୍ରମୁଖ କେନ୍ଦୁଝର ଜିଲ୍ଲାର ସୀମା ତୁରୁମୁଙ୍ଗାଠାରେ ସ୍ୱାଗତ ସମ୍ବର୍ଦ୍ଧନା ଦେଇଥିଲେ। ପରଦିନ ଭାରତଯୋଡ଼ ଯାତ୍ରୀମାନେ କେନ୍ଦୁଝର ସହର ପରିକ୍ରମା କରିଥିଲେ। ଶ୍ରୀ ପଟ୍ଟନାୟକ ଗଣମାଧ୍ୟମକୁ ସମ୍ବୋଧିତ କରି କହିଥିଲେ ଯେ ମୁଖ୍ୟମନ୍ତ୍ରୀ ପୁଂଜି ଯୋଗାଡ଼ ପାଇଁ ବିଭିନ୍ନ ରାଜ୍ୟ ଏବଂ ବିଭିନ୍ନ ଦେଶକୁ ଯାଉଛନ୍ତି କିନ୍ତୁ ଯେତେସବୁ ପୁଂଜି ବିନିଯୋଗ ପାଇଁ ଦ୍ୱିପାକ୍ଷିକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି ତାହା କାର୍ଯ୍ୟକ୍ଷମ କାହିଁକି ହେଉନାହିଁ ? ମୟୁରଭଂଜ ଏବଂ କେନ୍ଦୁଝର ଜିଲ୍ଲା ଉଭୟ ଆଦିବାସୀବହୁଳ ଜିଲ୍ଲା। ରକ୍ତହୀନତା, ଅପପୁଷ୍ଟି, ଶିଶୁମୃତ୍ୟୁ ହାର, ମାତୃ ମୃତ୍ୟୁହାର ଏ ଜିଲ୍ଲାମାନଙ୍କରେ ବହୁ ମାତ୍ରାରେ ଅଧିକ। ରାଜ୍ୟ ରାଜକୋଷକୁ ଉଭୟ ଜିଲ୍ଲା ହଜାର ହଜାର କୋଟି ଟଙ୍କା ରାଜସ୍ୱ ଦେଉଛନ୍ତି। କିନ୍ତୁ ପ୍ରତିବଦଳରେ ଏ ଜିଲ୍ଲାର ଜନସାଧାରଣଙ୍କ ପାଇଁ ୨୨ ବର୍ଷର ଏକ ସରକାର ଏବଂ କେନ୍ଦ୍ରରେ ୮ ବର୍ଷର ମୋଦି ସରକାର ତିଳେମାତ୍ର ଦୃଷ୍ଟି ଦେଉନାହାନ୍ତି। ଏ ଅଂଚଳରେ ଯେତେସବୁ ଶିଳ୍ପ ଗଢ଼ିଉଠିଥିଲା କଂଗ୍ରେସ ସରକାର ସମୟରେ ଆଜି ସବୁତକ ବନ୍ଦ ହୋଇଯାଇଛି। ୨୨ ବର୍ଷ ଭିତରେ ବିଜେଡ଼ି ବିଜେପିର ୯ ବର୍ଷର ଭାଗୁଆଳି ସରକାର ଏ ଅଂଚଳର ଯୁବକ ଯୁବତୀମାନଙ୍କର ନିଯୁକ୍ତି ପାଇଁ ଗୋଟେ ବୋଲି ଶିଳ୍ପ ପ୍ରତିଷ୍ଠା କରିନାହାନ୍ତି। ଏହା ହେଉଛି ବିଜେପି, ବିଜେଡ଼ି ଉଭୟ ଦଳର ଏ ଜିଲ୍ଲାର ଜନସାଧାରଣଙ୍କ ପ୍ରତି ତାଙ୍କର ନିଷ୍ଠା ଓ ଦରଦ। ସ୍ୱର୍ଣ୍ଣଗର୍ଭା ମୟୁରଭଂଜ ଏବଂ କେନ୍ଦୁଝର ଆଜି ଶ୍ରୀହୀନ। ଲକ୍ଷ ଲକ୍ଷ ଆଦିବାସୀମାନେ ପ୍ରତିଦିନ ପ୍ରଦୂଷଣରେ ଘାଂଟି ହେଉଛନ୍ତି। କିନ୍ତୁ ସେମାନଙ୍କ ପାଇଁ ସ୍ୱଚ୍ଛ ପିଇବା ପାଣି, ମୁଣ୍ଡକୁ ଛାତଟିଏ ଆଜିପର୍ଯ୍ୟନ୍ତ ଯୋଗାଡ଼ ହୋଇପାରିଲା ନାହିଁ। ଏହା କ'ଣ ନବୀନବାବୁ ଏବଂ ନରେନ୍ଦ୍ର ମୋଦିଙ୍କର ଏ ଉଭୟ ଜିଲ୍ଲାକୁ ଭଲପାଇବାର ନିଦର୍ଶନ କି ବୋଲି ପ୍ରଶ୍ନ ପଚାରିଛନ୍ତି। ଏ ଅଂଚଳର ଜଙ୍ଗଲଜାତ ଦ୍ରବ୍ୟକୁ ନେଇ ବହୁକିଛି କୁଟୀରଶିଳ୍ପ ଓ ଛୋଟ ଶିଳ୍ପ କରାଯାଇପାରିଥାନ୍ତା। କିନ୍ତୁ ନବୀନ ସରକାରର ଦୂରଦୃଷ୍ଟି ଅଭାବଯୋଗୁ କେବଳ ଲୌହ ଶିଳ୍ପ ଛଡ଼ା ଏ ରାଜ୍ୟକୁ ଅନ୍ୟକିଛି ଶିଳ୍ପ ହୋଇପାରିଲା ନାହିଁ। ପର୍ଯ୍ୟଟନ କ୍ଷେତ୍ରରେ ଅପାର ସମ୍ଭାବନା ଥାଇ ମଧ୍ୟ ସରକାରୀ ଉଦାସୀନତ ଯୋଗୁଁ ଆଜି ପର୍ଯ୍ୟଟକମାନେ ଏ ଜିଲ୍ଲାକୁ ବହୁଳ ପରିମାଣରେ ଆସୁନାହାନ୍ତି। ଫଳରେ ନିଯୁକ୍ତି ଏବଂ ଆତ୍ମନିଯୁକ୍ତି ଉଭୟ ଏ ଅଂଚଳରେ ଯୁବକ ଯୁବତୀମାନେ ହାତଛଡ଼ା କରୁଛନ୍ତି। ଆଦିବାସୀବହୁଳ ଜିଲ୍ଲାର କୃଷକମାନଙ୍କ ଅବସ୍ଥା ଅତ୍ୟନ୍ତ ହୃଦୟବିଦାରକ। କେବଳ ଟଙ୍କିକିଆ ଚାଉଳ ଏ ରାଜ୍ୟର ପୁଳାପୁଳା ସମସ୍ୟାର ସମାଧାନ ନୁହେଁ। କୃଷକମାନଙ୍କ ଆୟ ଏହି ଦୁଇ ଜିଲ୍ଲାରେ ରାଜ୍ୟର ସବୁଠାରୁ ସର୍ବନିମ୍ନ। କଂଗ୍ରେସ ସରକାରକୁ ଫେରିଲେ ଆଦିବାସୀବହୁଳ ଜିଲ୍ଲାମାନଙ୍କର ସମସ୍ୟାକୁ ଆଗ୍ରାଧିକାର ଭିତରେ ସମାଧାନ କରାଯିବ ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ। ଏହି କାର୍ଯ୍ୟକ୍ରମରେ ସୁଶ୍ରୀ ସୁଶିଳା ତିରିଆ, ଗଣେଶ୍ୱର ବେହେରା, ଭୁଜବଳ ମାଝୀ, ବନ୍ଦିତା ପରିଡ଼ା, ମାନସ ଚୌଧୁରୀ, ଅରବିନ୍ଦ ଦାସ, ଜ୍ଞାନରଂଜନ ପଟ୍ଟନାୟକ, ସଂଜୟ ତ୍ରିପାଠୀ, ବିସ୍ମୟ ମହାପାତ୍ର, ଦୀପକ କୁମାର ମହାପାତ୍ର, ପ୍ରଦୀପ ମହାପାତ୍ର, ପ୍ରଭାସ କୁମାର ମହାପାତ୍ର, ଶ୍ୟାମସୁନ୍ଦର ହାଂସଦା, ଶ୍ୟାମ ଚରଣ ହାଂସଦା, ବାଙ୍କନିଧି ବେହେରା, ମନୋଜ ସାହୁ, ମନୋରଂଜନ ମହାନ୍ତି, ସୁବ୍ରତ ମହାପାତ୍ର, ଲିଙ୍ଗରାଜ ଚୌଧୁରୀ, ଶୁଭମ ରାଜ, ପ୍ରଭାତ ପ୍ରତାପ ସିଂ, ମନୋଜ ବିଶ୍ୱାଳ, ସୁଶାନ୍ତ ତ୍ରିପାଠୀ, ବିଶ୍ୱଭୂଷଣ ମହାପାତ୍ର, ଦିପ୍ତିରାଣୀ ପ୍ରଧାନ, ଶ୍ରୀଯାସ୍ମିତା ପଣ୍ଡା, ମୋତି ପ୍ରକାଶ ଦାସ, ସସ୍ମିତା ଘୋଷାଲ, ଆରବ କୁମାର ପଣ୍ଡା, ଇମିତିଆଜ ହୁସେନ, ଶିବାନନ୍ଦ ରାୟ, ଜ୍ଞାନେନ୍ଦ୍ର ଦାସ, ମହମ୍ମଦ ସାହାଦୁଲ୍ଲା, ସାଗର ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ ବୋଲି ଭାରତ ଯୋଡ଼ ଯାତ୍ରା -ଓଡ଼ିଶାର ମିଡ଼ିଆ ଇନଚାର୍ଜ ପ୍ରକାଶ ମିଶ୍ର ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି।

## ବିଶିଷ୍ଟ ସମାଜସେବୀ ସୁକିନ୍ଦା ବ୍ଲକ୍ ବିଜେଡ଼ି ସଭାପତିଙ୍କ ପରଲୋକ



ଭୁବନେଶ୍ୱର (ପିଏନ୍)-କଳିଙ୍ଗନଗର ଇସ୍ପାତ ରାଜଧାନୀ ଯାଜପୁର ସୁକିନ୍ଦା ଅଞ୍ଚଳର ଜଣାଶୁଣା ବର୍ଷିୟାନ ସମାଜସେବୀ, ଶିକ୍ଷାବିତ୍, ଅବସରପ୍ରାପ୍ତ ଶିକ୍ଷକ, ଶିକ୍ଷକ ସଂଘର ନେତା, ଲକ୍ଷ୍ମୀନାରାୟଣ ହାଇସ୍କୁଲର ପ୍ରତିଷ୍ଠାତା ତଥା ସୁକିନ୍ଦା ବ୍ଲକ୍ ବିଜେଡ଼ି ସଭାପତି ଗିରିଶ ଚନ୍ଦ୍ର ଦାସ ସାମନ୍ତଙ୍କର ଅଶୀ ବର୍ଷ ବୟସରେ ତାଙ୍କର ବରଡ଼ିସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ସେ କିଛିଦିନ ଧରି ଅସୁସ୍ଥ ହୋଇ ଚିକିତ୍ସିତ ହେଉଥିଲେ। ତାଙ୍କର ଦେହାନ୍ତ ଖବର ପ୍ରଚାରିତ ହେବାପରେ ତାଙ୍କର ଅନ୍ତିମ ଦର୍ଶନ ଲାଗି ସୁକିନ୍ଦା ବିଧାୟକ ତଥା ଗ୍ରାମ୍ୟଉନ୍ନୟନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ, ସୁକିନ୍ଦା ବ୍ଲକ୍ ଅଧ୍ୟକ୍ଷ ଦିବ୍ୟରଞ୍ଜନ ବରାଳ, ଉପାଧ୍ୟକ୍ଷା ଭାଗ୍ୟଲକ୍ଷ୍ମୀ ରାଉତ, ଶତାଧିକ ଦଳୀୟ କର୍ମୀ, ବିଭିନ୍ନ ରାଜନୈତିକ ଦଳର ସ୍ଥାନୀୟ ନେତୃବୃନ୍ଦ, ବିଭିନ୍ନ ସ୍କୁଲ୍‌ର ଛାତ୍ରଛାତ୍ରୀ, ଶିକ୍ଷକବୃନ୍ଦ ଓ ବିଭିନ୍ନ ଗ୍ରାମର ମୁଖିଆ ଓ ଗ୍ରାମବାସୀମାନେ ତାଙ୍କର ଅନ୍ତିମ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସ୍ୱର୍ଗତଃ ଦାସ ସାମନ୍ତଙ୍କର ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ସାନଭାଇ ଶିରିଶ ଚନ୍ଦ୍ର, ସୁବାସ ଚନ୍ଦ୍ର, ଭିଣୋଇ ମୃତ୍ୟୁଞ୍ଜୟ ସିଂ, ହଳଧର ଧୀର, ପୁତ୍ର ସତ୍ୟଜିତ୍, ପୁତୁରା ବିଶ୍ୱଜିତ୍, ସ୍ୱୟଂଜିତ, ଜ୍ୱାଇଁ ଅଜିତ କୁମାର ଜଗଦେବ ମହାପାତ୍ର ଏବଂ ଧର୍ମପତ୍ନୀ କ୍ଷିରୋଦ୍ରୀ, ଝିଅ, ଜ୍ୱାଇଁ, ବୋହୂ, ଭଉଣୀ, ଭିଣୋଇ, ପୁତୁରା, ଝିଆରୀ, ପୁତୁରାବୋହୂ, ଭଣଜା, ଭାଣେଜୀ ଓ ଆତ୍ମୀୟ ସ୍ୱଜନମାନେ ଉପସ୍ଥିତ ଥିଲେ। ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ ସ୍ୱର୍ଗତଃ ଦାସ ସାମନ୍ତଙ୍କର ବିୟୋଗରେ ଶୋକ ପ୍ରକାଶ କରି ଶୋକସନ୍ତପ୍ତ ପରିବାର ପ୍ରତି ସମବେଦନା ଜ୍ଞାପନ କରିଥିଲେ। ଯାଜପୁର ଲୋକସଭା ସଦସ୍ୟଙ୍କ ପ୍ରତିନିଧି ଲୋକନାଥ ଧୀର, ବିଜେଡ଼ି ନେତା ଜଗନ୍ନାଥ ଧୀର ପ୍ରମୁଖ ଶୋକ ପ୍ରକାଶ କରିଥିଲେ।

## ବେଆଇନ କଳାପଥର ପରିବହନ କରୁଥିବା ୨ ଗାଡି ଜବତ

ଧର୍ମଶାଳା (ପିଏନ୍): ଧର୍ମଶାଳା ତହସିଲ ଜେନାପୁର ଥାନା ଅନ୍ତର୍ଗତ ୫୩ ନମ୍ବର ଜାତୀୟ ରାଜପଥ ଚଡେଇଧରାଠାରେ ତହସିଲ ପକ୍ଷରୁ ଚଢାଉ କରାଯାଇ ୨ଟି କଳାପଥର ବୋଝେଇ ଗାଡି ଗତ ମଙ୍ଗଳବାର ଜବତ କରାଯାଇଛି। ଧର୍ମଶାଳା ତହସିଲଦାର ସ୍ୱାଗତ ଦାସ, ନେଉଳପୁର ରାଜସ୍ୱ ନିରୀକ୍ଷକ ବିରଂଚି ବୋଇତେଇ, ବଳରାମପୁର-୧ ରଜସ୍ୱ ନିରୀକ୍ଷକ ଚନ୍ଦନ କୁମାର ସାହୁ, ନାକପୋଲ ଅତିରିକ୍ତ ରାଜସ୍ୱ ନିରୀକ୍ଷକ ଜଗବନ୍ଧୁ ଜେନା ପ୍ରମୁଖ ଚଢାଉ କରି ଲୁଣିବର କଳାପଥର ଖାଦାନରୁ ବେଆଇନ ଭାବେ ପରିବହନ କରୁଥିବା ଗୋଟିଏ ହାଇୱା ଓ ଗୋଟିଏ ଟିପର ଗାଡିକୁ ଜବତ କରିଥିଲେ। ଜବତ ୨ଟି ଗାଡିକୁ ଚଡେଇଧରା ପୁଲିସ ଚେକ ପୋଷ୍ଟରେ ରଖାଯାଇଥିବା ତହସିଲଦାର ଶ୍ରୀ ଦାସ ସୂଚନା ଦେଇଛନ୍ତି।


DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ୫୬ ତମ ଜାତୀୟ ପ୍ରେସ ଦିବସ ପାଳିତ :ଜିଲ୍ଲା ପ୍ରେସ କ୍ଲବ ଫୁଲବାଣୀ

ଫୁଲବାଣୀ ,(ପି.ଏନ): ଫୁଲବାଣୀ ଜିଲ୍ଲା ପ୍ରେସ କ୍ଲବ ପକ୍ଷରୁ ଜାତୀୟ ସାମ୍ବାଦିକ ଦିବସ, ସ୍ଥାନୀୟ ସାମ୍ବାଦିକ ଭବନଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ପ୍ରେସ କ୍ଲବର ସଭାପତି ସୂନୀଲ ପଟ୍ଟନାୟକଙ୍କ ସଭାପତିତ୍ୱରେ ୫୬ ତମ ଜାତୀୟ ପ୍ରେସ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ଆଲୋଚନାଚକ୍ର ଜନତାର ସ୍ୱରକୁ ଶାଣିତ କରିବା କ୍ଷେତ୍ରରେ ଗଣମାଧମର ମୁକ୍ତ ନିରପେକ୍ଷ ଭୂମିକା ସମ୍ପର୍କରେ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ବକ୍ତା ଭାବେ ଡଃ ଅରୂପ କୁମାର ଜେନା ଯୋଗଦେଇ ଗଣତନ୍ତ୍ରର ଜଗୁଆଳ ହେଉଛି ସାମ୍ବାଦିକ। ସାମ୍ବାଦିକଙ୍କ ମଧ୍ୟରେ ଏକତା ଜରୁରୀ, ରିହାତି ମୂଲ୍ୟରେ ବିଭିନ୍ନ ଋଣ ପ୍ରଦାନ କରିବା ପାଇଁ ସରକାର ପଦକ୍ଷେପ ନେବା ଜରୁରୀ ବୋଲି କହିଥିଲେ ତେବେ ଯାଇ ସାମ୍ବାଦିକ ନିରପେକ୍ଷ ହୋଇ ପାରିବ ବୋଲି ବକ୍ତବ୍ୟ ପ୍ରଦାନ କରିଥିଲେ। ସେହିପରି ସାମ୍ବାଦିକ ଅଶୋକ ପରିଡା ସାମ୍ବାଦିକଙ୍କ ସୁରକ୍ଷା ପାଇଁ ସରକାର ଦୃଷ୍ଟି ଦେବା ପାଇଁ ବକ୍ତବ୍ୟ ରଖିଥିଲେ। ସାମ୍ବାଦିକ ସୁନୀଲ ବିଶ୍ୱାଳକନ୍ଧମାଳ ଜିଲ୍ଲାରେ ସାମ୍ବାଦିକଙ୍କ ପାଇଁ ପାରୁ ପର୍ଯ୍ୟନ୍ତ ସାମ୍ବାଦିକଙ୍କ ମଧ୍ୟରେ ଯୋଉ ସବୁ ସୁବିଧା ସୁଯୋଗ ରହିଛି ସମସ୍ତେ ଯେପରି ପାଇ ପାରିବେ ସେ ନେଇ ସମସ୍ତ ସାମ୍ବାଦିକ ପ୍ରୟାସ କରିବା ପାଇଁ ପରାମର୍ଶ ଦେଇଥିଲେ। ସେହିପରି ସାମ୍ବାଦିକ ଶିବ ତ୍ରିପାଠୀ ଗ୍ରାମାଂଚଳରେ ସାମ୍ବାଦିକ ଅବହେଳିତ ଅବସ୍ଥାରେ ରହିଛନ୍ତି ସେମାନ ଙ୍କୁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ପରାମର୍ଶ ଦେଇଥିଲେ। ସାମ୍ବାଦିକ ସଦାଶିବ ପାତ୍ର ସାମ୍ବାଦିକ ଙ୍କୁ ନେଇ ବିଭିନ୍ନ କାର୍ଯ୍ୟକ୍ରମ କଲେ ସାମ୍ବାଦିକଙ୍କ ଅଭିଜ୍ଞତା ବଢିବ ବୋଲି ମତ ରଖିଥିଲେ। ପ୍ରକାଶ ଥାଉ କି ଏକ ମୁକ୍ତ ଏବଂ ଦାୟିତପୂର୍ଣ୍ଣ ପ୍ରେସକୁ ସ୍ମରଣ କରିବା ପାଇଁ ପ୍ରତିବର୍ଷ ୧୬ ନଭେମ୍ବରରେ ଏହି ଦିନ ପାଳନ କରାଯାଏ। ଏହି ଦିନ ହିଁ ପ୍ରେସ୍ କାଉନସିଲ୍ ଅଫ୍ ଇଣ୍ଡିଆ ଏକ ନୈତିକ ୱାଚଡଗ୍ ଭାବରେ କାର୍ଯ୍ୟ କରିବା ଆରମ୍ଭ କଲା ଯେ ପ୍ରେସ୍ ଉଚ୍ଚ ମାନର ବଜାୟ ରଖେ ଏବଂ କୌଣସି ପ୍ରଭାବ କିମ୍ବା ଧମକ ଦ୍ୱାରା ଏହା ପ୍ରଭାବିତ ହୁଏ ନାହିଁ।୧୯୯୭ ମସିହାରୁ, ପରିଷଦ ପ୍ରାସଙ୍ଗିକ ଥିମ୍ ସହିତ ସେମିନାର ମାଧ୍ୟମରେ ଏକ ମହତପୂର୍ଣ୍ଣ ଦିନକୁ ସ୍ମରଣ କରାଯାଉଛି । ଶେଷରେ ପ୍ରେସ କ୍ଲବର ସମ୍ପାଦକ ପ୍ରଶାନ୍ତ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ପ୍ରେସ କ୍ଲବର ଅତିରିକ୍ତ ଗୃହର ପ୍ରଥମ ମହଲା ପାଇଁ ମୁଖ୍ୟ ଅତିଥି ଭାବେ ଫୁଲବାଣୀ ବିଧାୟକ ଅଙ୍ଗଦ କହଁର ଯୋଗ ଦେଇ ଭୀତି ପ୍ରସ୍ତର ସ୍ଥାପନ କରିଥିଲେ। ପ୍ରେସ କ୍ଲବର ସମସ୍ତ ସଦସ୍ୟ ଏବଂ ଉପସ୍ଥିତ ସମସ୍ତ ସାମ୍ବାଦିକଙ୍କୁ ପ୍ରେସ କ୍ଲବ ପକ୍ଷରୁ କଲମ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

# କେନ୍ଦୁଝରରେ ପାଳିତ ହେଲା ଜାତୀୟ ପ୍ରେସ୍ ଦିବସ

କେନ୍ଦୁଝର,(ପି.ଏନ): କେନ୍ଦୁଝର ଜିଲ୍ଲା ସଦର ମହକୁମାଠାରେ ଚଳିତ ନଭେମ୍ବର ୧୬ ତାରିଖ ବୁଧବାର ଦିନ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ଦରବାର ହଲଠାରେ ଆୟୋଜିତ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜିଲ୍ଲାପାଳ ଆଶିଷ ଠାକରେ ଉଦ୍‌ବୋଧନ ଦେଇ ଗଣମାଧ୍ୟମର ମର୍ଯ୍ୟାଦା ବୃଦ୍ଧି କରିବା ପାଇଁ ଜାତୀୟ ପ୍ରେସ୍ ଦିବସ ପ୍ରେରଣା ଯୋଗାଇବ ବୋଲି କହିଥିଲେ । ଜାତୀୟ ପ୍ରେସ୍ ଦିବସ ଅବସରରେ ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇ ଭାଷଣପ୍ରସଙ୍ଗରେ କହିଥିଲେ ଯେ, ଗଣତାନ୍ତ୍ରିକ ବିଧି ବ୍ୟବସ୍ଥା ମଧ୍ୟରେ ଗଣମାଧ୍ୟମ ପ୍ରତି ଜନସାଧାରଣଙ୍କର ଗଭୀର ଆସ୍ଥା ରହିଛି । ସେମାନେ ବ୍ୟକ୍ତିଗତ ଜୀବନରେ ବିଭିନ୍ନ ଘାତ ପ୍ରତିଘାତ, ସମସ୍ୟା ଭିତରେ ଥାଇ ମଧ୍ୟ ଉଲ୍ଲେଖନୀୟ କାର୍ଯ୍ୟ କରୁଛନ୍ତି । ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ତଥା ମହାମାରୀ କୋଭିଡ୍ ସମୟରେ ସେମାନେ ଯେଭଳି ଭାବେ ନିଜ ଜୀବନକୁ ବାଜି ଲଗାଇ କର୍ତ୍ତବ୍ୟ ପ୍ରତି ଅଙ୍ଗୀକାର ପ୍ରକଟ କରିଥିଲେ ତାହା ବାସ୍ତବିକ୍ ଉଲ୍ଲେଖଯୋଗ୍ୟ । ରାଷ୍ଟ୍ର ନିର୍ମାଣରେ ଗଣମାଧ୍ୟମର ପ୍ରତିନିଧିମାନଙ୍କର ଭୂମିକା ସବୁବେଳେ ପ୍ରଶଂସନୀୟ ହୋଇ ରହିଆସିଅଛି । ଦେଶର ସାମଗ୍ରିକ ବିକାଶ କ୍ଷେତ୍ରରେ ବିବିଧ ଭାବରେ ଗଣମାଧ୍ୟମର ଅବଦାନ ରହିଛି । ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ସମାଜର ମୁଖପାତ୍ର ଭାବେ ଅଭିହିତ କରି ସେମାନଙ୍କ ଦ୍ୱାରା ପରିବେଷିତ ନିଚ୍ଛକ ସମ୍ବାଦ ପ୍ରଶାସନକୁ ସର୍ବଦା ସତର୍କ କରି ଦେଇଥାଏ ବୋଲି କହିବା ସହିତ ଏହାଦ୍ୱାରା ଅନେକ ସମସ୍ୟାର ସମାଧାନ ହୋଇଥାଏ । ସରକାରୀ ସେବା ଆରମ୍ଭ ପୂର୍ବରୁ ଜିଲ୍ଲାପାଳ ନିଜେ ଗଣମାଧ୍ୟମରେ କାର ?ୟ କରୁଥିବା ପ୍ରସଙ୍ଗ ଅବତାରଣା କରି ଗଣମାଧ୍ୟମର ପ୍ରତିନିଧିମାନଙ୍କ ଦ୍ୱାରା ପରିବେଷଣ କରାଯାଉଥିବା ସମ୍ବାଦ ସମାଜକୁ କିପରି ପ୍ରଭାବିତ କରିଥାଏ ସେ ସଂପର୍କରେ ଆଲୋକପାତ କରିଥିଲେ । ଗଣମାଧ୍ୟମର ପ୍ରତିନିଧିମାନେ ସାମ୍ବାଦିକତାକୁ ବୃତି ଭାବେ ନ ଭାବି ବ୍ରତ ଭାବେ ଗ୍ରହଣ କରି ବାସ୍ତବବାଦୀ ଓ ନିରପେକ୍ଷ ସମ୍ବାଦ ପରିବେଷଣ ଜାରି ରଖିଲେ ସମାଜର ଅଶେଷ ହିତ ସାଧନ ହୋଇପାରିବ ବୋଲି କହିଥିଲେ । ସାମାଜିକ ଗଣମାଧ୍ୟମରେ ବେଳେବେଳେ ମିଥ୍ୟା ଖବର ପ୍ରସାରିତ ହେଉଛି। ଯାହାକି ସମାଜ ପାଇଁ କ୍ଷତିକାରକ । ଏଣୁ ଗଣମାଧ୍ୟମର ପ୍ରତିନିଧିମାନେ ଖବରର ସତ୍ୟାସତ୍ୟ ପରୀକ୍ଷା କରି ଖବର ପରିବେଷଣ କଲେ ତାହା ସମାଜ ପାଇଁ ମଙ୍ଗଳମୟ ହେବ । ଏହି ସମାରୋହରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବିଷ୍ଣୁ ପ୍ରସାଦ ଆଚାର ?ୟ ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ଜାତୀୟ ପ୍ରେସ୍ ଦିବସ ଅବସରରେ ଶୁଭେଚ୍ଛା ଜଣାଇ ନିଜ ଅଭିଭାଷଣରେ ଜାତୀୟ ପ୍ରେସ୍ ଦିବସ ପାଳନର ଉଦ୍ଦେଶ୍ୟ ଓ ଅନୁଚିନ୍ତା ସଂପର୍କରେ ଆଲୋକପାତ କରି ଗଣମାଧ୍ୟମର ପ୍ରତିନିଧିମାନେ ସମାଜର ଉଲ୍ଲେଖନୀୟ ସେବା କରୁଛନ୍ତି ବୋଲି କହିଥିଲେ । ଦୁର୍ଗମ, ଅପହଂଚ ଇଲାକାରେ ଗଣମାଧ୍ୟମର ପ୍ରତିନିଧିମାନେ ପହଂଚି ବିଭିନ୍ନ ସମସ୍ୟା ଦୃଷ୍ଟିକୁ ଆଣୁଥିବାରୁ ତାର ସମାଧାନ ସହଜ ହେଉଛ । ପ୍ରଶାସନ ଓ ଗଣମାଧ୍ୟମ ମଧ୍ୟରେ ଉତମ ସମନ୍ୱୟ ରହିଲେ ସମାଜ ଓ ଜିଲ୍ଲାର ଅଶେଷ କଲ୍ୟାଣସାଧିତ ହୋଇପାରିବ ବୋଲି କହିଥିଲେ। ପ୍ରେସ୍ କ୍ଲବ୍‌ର ସଭାପତି ନିରଞ୍ଜନ ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟରେ ଗଣମାଧ୍ୟମର ପ୍ରତିନିଧିମାନେ କର୍ତବ୍ୟ ନିର୍ବାହ ବେଳେ ସମ୍ମୁଖୀନ ହେଉଥିବା ବିଭିନ୍ନ ପ୍ରତିବନ୍ଧକ, ସମସ୍ୟା, ସାମ୍ବାଦିକମାନଙ୍କର ସୁରକ୍ଷା ସଂପର୍କରେ ଆଲୋକପାତ କରିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ପ୍ରେସ କ୍ଲବ୍ ?ର ସଂପାଦକ ଶରତ ଚନ୍ଦ୍ର ଦାସ ନିଜ ବକ୍ତବ୍ୟରେ ଜାତୀୟ ପ୍ରେସ୍ ଦିବସ ପାଳନର ପୃଷ୍ଠଭୂମି ଓ ଆଭିମୁଖ୍ୟ ସଂପର୍କରେ ବିଶଦେ ଆଲୋଚନା କରି ଗଣତନ୍ତ୍ରରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଛି ବୋଲି କହିଥିଲେ ।

# କେନ୍ଦୁଝର: ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ: ଡିସେମ୍ବର ୭ ରୁ ଧାନ ସଂଗ୍ରହ ଆରମ୍ଭ

କେନ୍ଦୁଝର, (ପି.ଏନ): କେନ୍ଦୁଝର ଜିଲ୍ଲାରେ ୨୦୨୨-୨୩ ଖରିଫ୍ ବର୍ଷର ଏଫ୍.ଏ.କ୍ୟୁ. ମାନର ଧାନ ସଂଗ୍ରହ ନିମନ୍ତେ ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟିର ବୈଠକ ଜିଲ୍ଲାପାଳ ଆଶିଷ ଠାକରେଙ୍କ ଅଧ୍ୟକ୍ଷତାରେ ଚଳିତ ନଭେମ୍ବର ୧୬ ତାରିଖ ବୁଧବାର ପୂର୍ବାହ୍ଣରେ ଦରବାର ହଲଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଘଷିପୁରା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ବଦ୍ରିନାରାୟଣ ପାତ୍ର, ଆନନ୍ଦପୁର ବିଧାୟକ ଭାଗିରଥି ସେଠୀ, କେନ୍ଦୁଝର ବିଧାୟକ ମୋହନ ଚରଣ ମାଝୀ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସାଗରିକା ସାହୁ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତୀ ସୁଷମା ବିଲୁଙ୍ଗ, କେନ୍ଦୁଝର କେନ୍ଦ୍ରୀୟ ସମବାୟ ବ୍ୟାଙ୍କର ସଭାପତି କାନନ ବିହାରୀ ପହି, କେନ୍ଦୁଝର ଉପଜିଲ୍ଲାପାଳ ରାମଚନ୍ଦ୍ର କିସ୍କୁ, ଆନନ୍ଦପୁର ଉପଜିଲ୍ଲାପାଳ ଅନୀଲ କୁମାର ସେଠୀ, ବେସାମରିକ ଯୋଗାଣ ଅଧିକାରୀ ବସନ୍ତ କୁମାର ପଣ୍ଡାଙ୍କ ସମେତ ଯୋଗାଣ ଓ ସମବାୟ ବିଭାଗର ଅଧିକାରୀ, ନିୟନ୍ତ୍ରିତ ବଜାର କମିଟିର ସଂପାଦକ, ଏଫ୍ ?ସିଆଇ କର୍ମକର୍ତା, ମିଲର ଏବଂ ଚାଷୀ ପ୍ରତିନିଧିମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ପ୍ରାରମ୍ଭରେ ସମସ୍ତଙ୍କୁ ସ୍ୱାଗତ ଜଣାଇ ଜିଲ୍ଲାପାଳ ଶ୍ରୀ ଠାକରେ ରାଜ୍ୟ ସରକାରଙ୍କ ଧାନ ସଂଗ୍ରହ ନୀତି ସଂପର୍କରେ ଆଲୋକପାତ କରି ଶୃଙ୍ଖଳିତ ଭାବେ ଧାନ ସଂଗ୍ରହ ପ୍ରକ୍ରିୟା ପରିଚାଳନା ନିମନ୍ତେ ଯୋଗାଣ, ସମବାୟ ଓ କୃଷି ବିଭାଗର ଅଧିକାରୀ ଓ କର୍ମଚାରୀମାନଙ୍କ ମଧ୍ୟରେ ଉତମ ସମନ୍ୱୟ ଉପରେ ଗୁରୁତ୍ୱାରୋପ କରିଥିଲେ । କୌଣସି ଚାଷୀ ଯେପରି ଧାନ ସଂଗ୍ରହ ପ୍ରକ୍ରିୟାରେ କିମ୍ବା ପ୍ରାପ୍ୟ ପାଇବାରେ ହଇରାଣ ହରକତ କିମ୍ବା ଅସୁବିଧାର ସମ୍ମୁଖୀନ ନହୁଅନ୍ତି ସେଥିପ୍ରତି ଯତ୍ନବାନ ହେବାକୁ ନିର୍ଦ୍ଦେଶ ଦେଇଥିଲେ । ଚଳିତ ବର୍ଷ ବହୁ ସଂଖ୍ୟାରେ ଚାଷୀ କିପରି ପଞ୍ଜିକୃତ କରିଅଛନ୍ତି ଓ ସସ୍‌ପେକ୍ଟ୍ ପ୍ଲଟ୍ ?ଗୁଡିକର ଭେରିଫିକେସନ୍ ଅଦ୍ୟାବଧି ଚାଲୁରହିଛି । ସେଥିପାଇଁ ସଚେତନତା ସୃଷ୍ଟି କରିବାକୁ ସଂପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଚାଷୀମାନଙ୍କର ପ୍ରାପ୍ୟ ସମବାୟ ବ୍ୟାଙ୍କ୍ ତଥା ଅନ୍ୟାନ୍ୟ ବ୍ୟାଙ୍କ୍ ତରଫରୁ ଅନ୍‌ଲାଇନ୍ ମାଧ୍ୟମରେ ଚାଷୀମାନଙ୍କର ବ୍ୟାଙ୍କ୍ ଆକାଉଂଟକୁ ସିଧାସଳଖ ପଠାଯିବ । ଚାଷୀମାନେ ଯେପରି ସେମାନଙ୍କର ପ୍ରାପ୍ୟ ଠିକ୍ ସମୟରେ ପାଇପାରିବେ ସେଥିପ୍ରତି ଯୋଗାଣ ଓ ସମବାୟ ବିଭାଗର ଅଧିକାରୀମାନେ ଯତ୍ନବାନ ହେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଏତଦ୍‌ବ୍ୟତୀତ ବୈଠକରେ ଧାନ ସଂଗ୍ରହର ବିଭିନ୍ନ ଦିଗ ଉପରେ ବିଶଦ ଭାବେ ଆଲୋଚନା କରାଯାଇଥିଲା । ବୈଠକରେ ନିଷ୍ପତି ଅନୁଯାୟୀ ଆଗାମୀ ଡିସେମ୍ବର ୭ ତାରିଖରୁ କେନ୍ଦୁଝର ଓ ଚମ୍ପୁଆ ସବ୍‌ଡିଭିଜନ୍, ଡିସେମ୍ବର ୧୫ ତାରିଖରୁ ଘଷିପୁରା ଏବଂ ଡିସେମ୍ବର ୨୦ ତାରିଖରୁ ହାଟଡିହି ଓ ଆନନ୍ଦପୁର ବ୍ଲକ୍‌ରେ ଧାନ ସଂଗ୍ରହ କେନ୍ଦ୍ରମାନଙ୍କରେ ଧାନ ସଂଗ୍ରହ ଆରମ୍ଭ ହେବ ଏବଂ ଧାନ ସଂଗ୍ରହ ଆଗାମୀ ଅପ୍ରେଲ୍ ମାସ ପର୍ଯ୍ୟନ୍ତ ଚାଲିବ । ଚଳିତ ବର୍ଷ ଅଧିକ ସଂଖ୍ୟା ଚାଷୀ ପଞ୍ଜିକୃତ କରିଥିବାରୁ ସପ୍ତାହରେ ୩ ରୁ ୪ ଦିନ ଧାନକ୍ରୟ କରାଯିବା ପାଇଁ ସ୍ଥିରିକୃତ କରାଯାଇଛି । ଚଳିତ ବର୍ଷ ପ୍ରଥମ ପର୍ଯ୍ୟାୟରେ ୧୪୫୬୦୨୯ କ୍ୟୁଂଟାଲ୍ ଧାନ କିଣିବା ପାଇଁ ଜିଲ୍ଲା ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି । ଚଳିତ ବର୍ଷ ପାକସ୍ (ସମବାୟ ସମିତି) ଜରିଆରେ ୮୯ଟି ଏବଂ ଲ୍ୟାମ୍ପସ୍ ଜରିଆରେ ୪୫ଟି କେନ୍ଦ୍ରରେ ଧାନ ସଂଗ୍ରହ କରାଯିବ ବୋଲି ନିଷ୍ପତି ନିଆଯାଇଛି । ସମସ୍ତ ଧାନ ସଂଗ୍ରହ କେନ୍ଦ୍ରମାନଙ୍କୁ ଆବଶ୍ୟକୀୟ ଧାନ ଓଜନ ଯନ୍ତ୍ର ସହ ଅନ୍ୟାନ୍ୟ ଯନ୍ତ୍ରପାତି ଯୋଗାଇ ଦେବାକୁ ନିୟନ୍ତ୍ରିତ ବଜାର କମିଟିମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ନିୟନ୍ତ୍ରିତ ବଜାର କମିଟିର ସଂପାଦକମାନେ ଲିଫ୍‌ଲେଟ୍ ପୋଷ୍ଟର ଜରିଆରେ ସଚେତନତା କାର୍ଯ୍ୟକ୍ରମ ହାତକୁ ନେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲାର ଉପଜିଲ୍ଲାପାଳମାନେ ଧାନ ସଂଗ୍ରହ ପ୍ରକ୍ରିୟା ତଦାରଖ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ପ୍ରତି ଧାନ ସଂଗ୍ରହ କେନ୍ଦ୍ରମାନଙ୍କରେ ଉପଦେଷ୍ଟା କମିଟି ଗଠନ ଓ ଧାନ ସଂଗ୍ରହ ପ୍ରକ୍ରିୟାକୁ କ୍ରିୟାଶୀଳ କରାଯିବାକୁ ନିଷ୍ପତି ନିଆଯାଇଛି । ପ୍ରତିଦିନ ଧାନ ସଂଗ୍ରହ କେନ୍ଦ୍ରମାନଙ୍କରେ ଧାନ ସଂଗ୍ରହର ତଥ୍ୟ ଅପ୍‌ଡେସନ୍ କରିବାକୁ ଏବଂ ସେହି ଦିନ ମିଲରମାନେ ସଂଗୃହିତ ଧାନକୁ ମିଲ୍‌କୁ ଆଣିବା ନିମନ୍ତେ ପଦକ୍ଷେପ ନେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଚଳିତବର୍ଷ ସାଧାରଣ ଏଫ୍‌ଏକ୍ୟୁ ମାନ ଧାନର ମୂଲ୍ୟ କ୍ୱିଂଟାଂଲ ପ୍ରତି ଟ.୨୦୪୦/- ଧାର୍ଯ୍ୟ କରାଯାଇଥିବାବେଳେ ଗ୍ରେଡ୍ ଏ ଧାନର ମୂଲ୍ୟ କ୍ୱିଂଟାଂଲ ପ୍ରତି ଟ.୨୦୬୦/- ଟଙ୍କା ଧାର୍ଯ୍ୟ କରାଯାଇଛି ବୋଲି ବେସାମରିକ ଯୋଗାଣ ଅଧିକାରୀ ବସନ୍ତ କୁମାର ପଣ୍ଡା ସୂଚନା ଦେଇଥିଲେ ।

# ଧାରଣାସ୍ଥଳରେ ଉତେଜନା, ତିବ୍ରତର ହେଲା ଖରଭୂଇଁ କ୍ରସର ବିରୋଧି ଆନ୍ଦୋଳନ, ସୁଯୋଗ ଖୋଜୁଛି ପ୍ରଶାସନ

ବୌଦ୍ଧ, (ପି.ଏନ): ଖରଭୂଇଁ ଧାରଣାସ୍ଥଳରେ ଆଜି ଉତେଜନା ଦେଖାଦେଇଛି । ପ୍ରଶାସନିକ ଅଧିକାରୀ ଓ ପୋଲିସ ସହ ଯୁକ୍ତିତର୍କ, ଧସ୍ତାଧସ୍ତି ପରେ ପୁଣି ଧାରଣା ଆରମ୍ଭ କଲେ ଗ୍ରାମବାସୀ । କ୍ରସର ବିରୋଧି ଆନ୍ଦୋଳନ ନେତା ଅବକାଶ ସାହୁଙ୍କୁ ଗିରଫ କରିବା ପରେ ତିବ୍ରତର ହୋଇଛି କ୍ରସର ବିରୋଧି ଆନ୍ଦୋଳନ । ଅନ୍ୟପଟେ କଳେବଳେ କ୍ରସର ଚଳଲାଇବାକୁ ପ୍ରଶାସନ ସୁଯୋଗ ଖୋଜିବାରେ ଲାଗିଛି । ଆଜି ଗ୍ରାମବାସୀଙ୍କୁ ଖୋଲାଖୋଲି ଧମକ ଦେଇଛନ୍ତି ହରଭଂଗା ତହସିଲଦାର । ଅନ୍ୟପଟେ କ୍ରସର ମାଲିକଙ୍କ ଠାରୁ ଫାଇନ ଟଙ୍କା ଆଦାୟ କରିବାରେ ଦମ୍ଭ ଦେଖାନ୍ତୁ ତହସିଲଦାର ବୋଲି ଗ୍ରାମବାସୀମାନେ କହିଛନ୍ତି । ପ୍ରଶାସନ ଓ କ୍ରସର ମାଲିକମାନେ ଧାରଣାସସ୍ଥଳରୁ କିଛିଦୂରରେ ଗାଡିସବୁ ଜମାକରି ପରିସ୍ଥିତିକୁ ଅପେକ୍ଷା କରିଛନ୍ତି । ଆଜିର ଧାରଣା ସରିବା ପରେ ମଧ୍ୟରାତ୍ରୀରେ ପୋଲିସ ଉପସ୍ଥିତିରେ ପ୍ରଶାସନ କ୍ରସର ଗୁଡିକ ଚଳାଇ ପାରନ୍ତି ବୋଲି ଗ୍ରାମବାସୀମାନେ ସନ୍ଦେହ କରୁଛନ୍ତି । ମଙ୍ଗଳବାର ରାତିସାରା ଖରଭୂଇଁ ଗ୍ରାମରେ ପୋଲିସ ପଇଁତରା ମାରିଥିଲା। ଅନ୍ୟପକ୍ଷରେ ଆନ୍ଦୋଳନ ସ୍ଥଳରେ ଏସ୍ଡିପିଓ ଙ୍କ ସମେତ ୪ ଜଣ ଇନ୍ସପେକ୍ଟର ଓ ୩ ପ୍ଲାଟୁନ ପୋଲିସ ମୃତୟନ କରାଯାଇଛି। କ୍ରସର ବିରୋଧି ଆନ୍ଦୋଳନକୁ ଦମନ କରିବାକୁ ଅଂଟା ଭିଡିଲା ପ୍ରଶାସନ ଓ ପୋଲିସ । ପ୍ରଥମେ କ୍ରସର ବିରୋଧି ଆନ୍ଦୋଳନ ନେତା ଅବକାଶ ସାହୁଙ୍କୁ ଗିରଫ କରିବା ପରେ ଖରଭୂଇଁ ଗ୍ରାମରେ ପହଂଚିଥିଲେ ୩ ପ୍ଲାଟୁନ ପୋଲିସ । ପୋଲିସ ଭୟରେ ପୁରୁଷଶୂନ୍ୟ ହୋଇପଡିଥିଲା ଖରଭୂଇଁ ଗ୍ରାମ । ଗିରଫଦାରୀ ଭୟରେ ସମସ୍ତ ଆନ୍ଦୋଳନକାରୀ ପଳାୟନ କରିଥିଲେ । ଆନ୍ଦୋଳନକାରୀ ମାନଙ୍କୁ ବିଭିନ୍ନ କେଶରେ ଅଭିଯୁକ୍ତ କରି ଗିରଫ କରିବାକୁ ପୋଲିସ ଚକ୍ରାନ୍ତ କରୁଥିବା ଅଭିଯୋଗ ହୋଇଛି । ସପରିବାର ଭୁବନେଶ୍ୱରରୁ ଫେରୁଥିବା ବେଳେ ଅବକାସ ସାହୁଙ୍କୁ ନୟାଗଡ ବୌଦ୍ଧ ସିମାନ୍ତରୁ ଗିରଫ କରିଛି ପୋଲିସ । କ୍ରସର ବିରୋଧି ଆନ୍ଦୋଳନ ଦମନ କରିବାକୁ ପୋଲିସ ଓ ପ୍ରଶାସନର ଷଡ଼ଯନ୍ତ୍ର ବୋଲି ଅନେକ ଅଭିଯୋଗ କରିଛନ୍ତି । ଦିନକୁ ଦିନକୁ କ୍ରସର ବିରୋଧି ଆନ୍ଦୋଳନ ଉଗ୍ରରୂପ ନେଉଥିବା ବେଳେ ଏହାକୁ ଦମନ କରିବା ପାଇଁ ପୋଲିସ ଓ ପ୍ରଶାସନର ଷଡ଼ଯନ୍ତ୍ର କରିଥିବା କୁହାଯାଉଛି । ଏକ ପୁରୁଣା କେଶ କୁ ନେଇ ଅବକାଶଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି । କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ଅବକାଶଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇଦିଆଯାଇଛି ।

# ଗଣମାଧ୍ୟମ ସମାଜର ଜାଗ୍ରତ ପ୍ରହରୀ

ପୁରୀ,(ପି.ଏନ): ଗଣମାଧ୍ୟମ ସମାଜର ଜାଗ୍ରତ ପ୍ରହରୀ ।ଗଣତନ୍ତ୍ରର ସୁରକ୍ଷା ଓ ସମୃଦ୍ଧି ପାଇଁ ଗଣମାଧ୍ୟମ ପ୍ରତିନିଧିମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଛନ୍ତି ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ପ୍ରଦୀପ କୁମାର ସାହୁ ।ଆଜି ପୂର୍ବାହ୍ନ ରେ ସଦଭାବନା ସଭାଗୃହ ପରିସରରେ ପୁରୀ ଜିଲ୍ଲା ସ୍ତରୀୟ ଜାତୀୟ ପ୍ରେସ ଦିବସ ପାଳିତ ହେଉଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସାହୁ ସାଧାରଣ ଲୋକ ମାନଙ୍କ ସମସ୍ୟା, ଆବଶ୍ୟକତା କୁ ସରକାର ଓ ପ୍ରଶାସନ ନିକଟରେ ପହଞ୍ଚାଇବା ଓ ସରକାରଙ୍କ ବିଭିନ୍ନ ଯୋଜନା ଓ ପ୍ରକଳ୍ପ ସମ୍ପର୍କରେ ସାଧାରଣ ଲୋକ ଙ୍କୁ ଅବଗତ ଓ ସଚେତନ କରାଇବାରେ ଗଣମାଧ୍ୟମ ର ଅବଦାନ ଅତୁଳନୀୟ ବୋଲି କହିଥିଲେ। ୧୮୬୬ ମସିହା ଆଜିର ଦିନରେ ପ୍ରେସ କାଉନସିଲ ଅଫ ଇଣ୍ଡିଆ ଗଠିତ ହୋଇ ଗଣତନ୍ତ୍ର ର ସମୃଦ୍ଧି ପାଇଁ କାର୍ଯ୍ୟ କରିବା ସହ ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ ମଧ ସୁରକ୍ଷା ପ୍ରଦାନ ରେ ସହାୟକ ହେଉଛି। ବିଭିନ୍ନ ବିପର୍ଯ୍ୟୟ,କରୋନା ଇତ୍ୟାଦି କଷ୍ଟକର ସମୟରେ ମଧ୍ୟ ଗଣମାଧ୍ୟମ ଯେପରି କାର୍ଯ୍ୟ କରିଛନ୍ତି ତାହା ବେଶ ପ୍ରଶଂସନୀୟ ବୋଲି ସେ କହିଥିଲେ ।ଉପଜିଲ୍ଲାପାଳ ଭବତାରଣ ସାହୁ ସତ୍ୟ ଓ ନିରପେକ୍ଷ ସମ୍ବାଦ ପରିବେଷଣ ଗଣତନ୍ତ୍ର କୁ ମଜବୁତ କରିଥାଏ ବୋଲି କହିବା ସହ ଅନୁସନ୍ଧାନଧର୍ମୀ ଓ ବାସ୍ତବ ସମ୍ବାଦ ପରିବେଷଣ ଉପରେ ଗୁରୁତ୍ୱ ଦେଇଥିଲେ।

# ସାଳନ୍ଦୀ ସହର ସ୍ତରୀୟ ମହାସଂଘର ଦ୍ୱିତୀୟ ବାର୍ଷୀକ ଉତ୍ସବ, ମହିଳା ସଶକ୍ତିକରଣ କ୍ଷେତ୍ରରେ ମହାସଂଘ ଦାୟିତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ

ଭଦ୍ରକ, (ପି.ଏନ): ଭଦ୍ରକ ସହିଦ ସ୍ମୃତି ଭବନ ଠାରେ ସାଳନ୍ଦୀ ସହର ସ୍ତରୀୟ ମହାସଂଘ(ସିଏଲଏଫ)ର ଦ୍ୱିତୀୟ ବାର୍ଷୀକ ଉତ୍ସବ ମହାସଂଘର ସଭାପତି ଉର୍ମିଳା ପଣ୍ଡାଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ପ୍ର. ଅଟଳ ବିହାରୀ ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ଉକ୍ତ ଉତ୍ସବରେ ଉଦଘାଟକ ଭାବେ ଭଦ୍ରକ ସାଂସଦ ମଞ୍ଜୁଲତା ମଣ୍ଡଳ, ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ସମ୍ମାନିତ ଅତିଥି ଭାବେ ସଂଜିବ ମଲ୍ଲିକ, ବରିଷ୍ଠ ଅଧିବକ୍ତା ଆଜୀବନ ସଂଗ୍ରାମୀ ନିରାକାର ଜେନା, ବରେଣ୍ୟ ଅତିଥି ଭାବେ ପୌର ଉପାଧକ୍ଷା ଅଞ୍ଜୁବାଳା ଜେନା ପ୍ରମୁଖ ଉଦବୋଧନ ଦେଇ ମହିଳା ସଶକ୍ତିକରଣ ଦିଗରେ ସରକାରଙ୍କ ପ୍ରୟାସ ପ୍ରଶଂସାଯୋଗ୍ୟ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ବିଧାୟକ ତଥା ଏଆଇସିସିଟିୟୁର ରାଜ୍ୟ କାର୍ଯ୍ୟକାରୀ ସଭାପତି ରାଧାକାନ୍ତ ସେଠୀ ନିଜ ଅଭିଭାଷଣରେ ସାବିତ୍ରୀ ବାଇ ଫୁଲେ, ଫାତିମା ଶେଖ ଉଭୟ ମହିଳାମାନଙ୍କୁ ଶିକ୍ଷିତ କରିବାକୁ ତାଙ୍କର କାର୍ଯ୍ୟ ଆରମ୍ଭ କରିବା ସମୟରେ ଜନଆକ୍ରୋଶର ଶୀକାର ହୋଇଥିଲେ। ଏଥିରେ ନିବୃତ ରହିବା ପାଇଁ ସେମାନଙ୍କୁ ମଧ ମାନସିକ ଓ ଶାରିରୀକ ନିର୍ଯ୍ୟାତନା ଦିଆଯାଇଥିଲା। ସେମାନଙ୍କ ସେହି ବଡ଼ ଉଦାରତା ପାଇଁ ଭଦ୍ରକ ସାଳନ୍ଦୀ ସ୍ତରୀୟ ମହାସଂଘ ସଦସ୍ୟାଙ୍କୁ ପ୍ରେରଣା ଯୋଗାଇବ। ଏହାବ୍ୟତୀତ ସେମାନଙ୍କ ପ୍ରେରଣା ସମାଜକୁ ନିଶା କବଳରୁ ମୁକ୍ତ କରିବା ଦିଗରେ ଆନ୍ଦୋଳନ କରିବାକୁ ସମସ୍ତଙ୍କୁ ସାହସ ଯୋଗାଇବ ବୋଲି କହିଥିଲେ। ମହାସଂଘର ସଂପାଦିକା ଜୟନ୍ତୀ ବିଶ୍ୱାଳ ବାର୍ଷୀକ ବିବରଣୀ ପାଠ କରିଥିଲେ। ସେ ନିଜ ବିବରଣୀରେ ଭଦ୍ରକ ଓ ବାସୁଦେବପୁର ପୌରପାଳିକା ସମେତ ଧାମନଗର ଓ ଚାନ୍ଦବାଲି ଏନଏସି ଅଧିନରେ କାର୍ଯ୍ୟରତ ସମସ୍ତ ସ୍ୱୟଂ ସହାୟିକା ଗୋଷ୍ଠିର ନେତୃତ୍ୱଙ୍କୁ ମାସିକ ପାରିଶ୍ରମିକ ବାବଦ ୫ହଜାର ଟଙ୍କ ପ୍ରଦାନ, ପରିଚୟପତ୍ର ପୋଷାକ ବାବଦକୁ ୨ହଜାର ଟଙ୍କା ପ୍ରଦାନ, ଗୋଷ୍ଠି ସଦସ୍ୟାଙ୍କୁ ପରିଚୟପତ୍ର ପ୍ରଦାନ ସହିତ ବର୍ଷକୁ ପୋଷାକ ପାଇଁ ୨ହଜାର ଟଙ୍କା ପ୍ରଦାନ କରିବା, ଗୋଷ୍ଠିର ସୁପରିଚାଳନା ପାଇଁ ସ୍ମାର୍ଟ ଫର୍ମ ପ୍ରଦାନ ଏବଂ ନେତୃତ୍ୱମାନଙ୍କୁ ଫୋନ ବାବଦକୁ ମାସିକ ୫ଶହ ଟଙ୍କା ପ୍ରଦାନ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ମହାସଂଘ ପାଇଁ ଏକ ଗୃହ ଯୋଗାଣ, ସମସ୍ତଙ୍କ ନିରାପ । ପାଇଁ ବୀମାଭୂକ୍ତ କରିବା, ଋଣ ନେଇଥିବା ସଭ୍ୟାମାନଙ୍କ ମୃତ୍ୟୁ ହେଲେ, ସେମାନଙ୍କ ବ୍ୟାଙ୍କ ଲୋନ ଛାଡ଼ କରିବାକୁ ଘୋଷଣା କରିବା, ୬୦ ବର୍ଷ ପରେ ଅବସର ଭ । ଘୋଷଣା କରିବାକୁ ସାଳନ୍ଦୀ ସହରସ୍ତରୀୟ ମହାସଂଘ(ସିଏଲଏଫ) ଦାବି କରି ଆସୁଛି। ଏହି ଦାବି ନେଇ ମହାସଂଘ ପକ୍ଷରୁ ପୂର୍ବରୁ ବାରମ୍ବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଛି। କିନ୍ତୁ ଏପର୍ଯ୍ୟନ୍ତ ଏହାର କୌଣସି ସୁଫଳ ମିଳି ପାରି ନାହିଁ। ଅପରପକ୍ଷେ ମହାସଂଘ ସାମାଜିକ ଓ ଆର୍ଥୀକ କ୍ଷେତ୍ରରେ ମହାସଂଘ ସ୍ୱାବଲମ୍ବୀ ହୋଇ ଅନ୍ୟାୟର ମୂଳୋତ୍ପାଟନ ପାଇଁ ଉଦ୍ୟମ କରିଛି। ମହିଳାଙ୍କ ଉପରେ ନିର୍ଯ୍ୟାତନାକୁ ବିରୋଧ କରିଛି। ସାମାଜିକ ସନ୍ତୁଳନ ନଷ୍ଟ କରୁଥିବା ମଦର ବିକ୍ରୟ ବନ୍ଦ କରିବା ଓ ସରକାରଙ୍କ ଉନ୍ନୟନମୂଳକ କାର୍ଯ୍ୟକୁ ମହାସଂଘ ପ୍ରଚାର ପ୍ରସାର କରିବା ଦିଗରେ ବହୁ ପଦକ୍ଷେପ ନେଇଛି। ଏହି ଅବସରରେ ଭାଗ୍ୟଶ୍ରୀ ପଣ୍ଡା, ଶୈଳଦା ବିଶ୍ୱାଳ, ରୋହିଣି ମିଶ୍ର, ରୂପିତା ଜେନା, ସୋନାଲି ଜେନା, ଜ୍ୟୋସ୍ନାରାଣୀ ମଲ୍ଲିକ, ସୁସଂଗଠିକା ରୁକସାନା ବିବି, କୁମୁଦିନି ବିଶ୍ୱାଳ, ସଭ୍ୟା ମଧୁସ୍ମିତା ପୃଷ୍ଟି, ଦୀପ୍ତିରାଣୀ ରାୟ, ତପସୁନ ବିବି, କନକଲତା ଦେବାଚାର୍ଯ୍ୟ ପ୍ରମୁଖଙ୍କୁ ଉ ରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ୧୦ ନମ୍ବର ୱାର୍ଡ଼ର କାଉନସିଲରଙ୍କ ପ୍ରତିନିଧି ପଙ୍କଜ ବଳଙ୍କ ସମେତ ବହୁ କାଉନସିଲର ଓ ସୁରେନ୍ଦ୍ର ବିଶ୍ୱାଳଙ୍କୁ ମଧ ଉ ରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ କରାଯାଇଥିଲା। ମହାସଂଘର ସଦସ୍ୟା ଉପ ସଭାନେତ୍ରୀ ଭାରତୀ ପଣ୍ଡା, ସହ ସଂପାଦିକା ହରପ୍ରିୟା ସାହୁ, କୋଷାଧକ୍ଷା ସବେନୁର କାଦ୍ରୀ, ଜୀବିକା ସ୍ୱେଚ୍ଛାସେବୀ ରୁକସାନା ବିବି, ଆର୍ଥୀକ ସ୍ୱେଚ୍ଛାସେବୀ ମନୋରମା ମହାପାତ୍ର, ସାମାଜିକ ସ୍ୱେଚ୍ଛାସେବୀ ନମିତା ପରିଡ଼ା, ସଦସ୍ୟା ଭାବେ କୁମୁଦିନି ବିଶ୍ୱାଳ, କୌସେରା ବିବି, ରିହାନା ବିବି, ନିଖତ ପରବିନ୍, ରିନାରାଣୀ ବେହେରା, ପ୍ରମିଳା ବେହେରା, ପଙ୍କଜିନୀ ନାୟକ, ଫରିଦା ବିବି, ହସରତୁନ ନେଶା, ଅମ୍ରିତା ପଣ୍ଡା, ସାକରା ବିବି, ସବିତା ସେଠୀ, ମମତା ମଲ୍ଲିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମହାସଂଘର ପରିଚାନା କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରି ଆସିଥିବା ସମର ବଳ ନେପଥ୍ୟରେ ରହି ସମସ୍ତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।


MAHARISHI PUBLIC SCHOOL



2021-2022

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada




Bhubaneswar Friday November 18, 2022 ଭୁବନେଶ୍ୱର ଶୁକ୍ରବାର, ନଭେମ୍ବର ୧୮,୨୦୨୨ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



# ଓଡିଶା ର ନିରନ୍ତର ବିକାଶ ଲକ୍ଷ୍ୟରେ ୨୦୩୦ କାର୍ଯ୍ୟସୂଚୀର ରୂପାୟନ ନିମନ୍ତେ ୨ ଦିନିଆ ପ୍ରଶିକ୍ଷଣ ଶିବିର ଉଦଘାଟନ



ବାରିପଦା,(ପ.ଏନ): ଆଜି ପୂର୍ବାହ୍ନ ରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ ଠାରେ ମୟୁରଭଞ୍ଜ ଜିଲ୍ଲା ପ୍ରଶାସନ ଏବଂ ଯୋଜନା ଓ ସଂଯୋଜନା ବିଭାଗ ଦ୍ୱାରା ଆୟୋଜିତ ଓଡିଶା ର ନିରନ୍ତର ବିକାଶ ଲକ୍ଷ୍ୟ ରେ ୨୦୩୦ କାର୍ଯ୍ୟସୂଚୀ ର ସଫଳ ରୂପାୟନ ସମ୍ପର୍କିତ ୨ଦିନିଆ ପ୍ରଶିକ୍ଷଣ ଶିବିର କୁ ମୟୁରଭଞ୍ଜ ଜିଲ୍ଲାପାଳ ଶ୍ରୀଯୁକ୍ତ ବିନୀତ ଭରଦ୍ୱାଜ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଶୁଭ ଉଦଘାଟନ କରିଥିଲେ ଏବଂ ଏହି ଅବସରରେ ବକ୍ତବ୍ୟ ରେ ପ୍ରକାଶ କରିଥିଲେ କି ଏହି ଶିବିର ର ମୁଖ୍ୟ ଉଦେଶ୍ୟ ଓ ଆଭିମୁଖ୍ୟ ହେଉଛି ନିରନ୍ତର ବିକାଶ ର ଲକ୍ଷ୍ୟ ରଖି ଆସନ୍ତା ୨୦୩୦ କାର୍ଯ୍ୟସୂଚୀ ର ସଫଳ ରୂପାୟନ। ତେଣୁ ସରକାର ଙ୍କ ପ୍ରତ୍ୟେକ ବିଭାଗ ଏହି ନିରନ୍ତର ବିକାଶ ଧାରାରେ ସାମିଲ ହୋଇ ସୀମିତ ସାଧନ କୁ ଏପରି ଭାବ ରେ ଉପଯୋଗ କରିବା ପାଇଁ ପ୍ରଯତ୍ନ କରିବେ ଯେମିତି କି ଆଗାମୀ ପିଢ଼ି ଆମ ଦ୍ୱାରା ବ୍ୟବହୃତ ସାଧନ ପାଇଁ କୌଣସି ଅସୁବିଧା ର ସମ୍ମୁଖୀନ ହେବେ ନାହିଁ। ଏହି ନିରନ୍ତର ବିକାଶ ଧାରା ର ଶତ ପ୍ରତିଶତ ଉପଲବ୍ଧି ପାଇଁ ଗ୍ରାମ ପଂଚାୟତ ସ୍ତରରୁ ରାଜ୍ୟ ସ୍ତର ତଥା ରାଜ୍ୟ ସ୍ତରରୁ ଜାତୀୟ ସ୍ତର ପର୍ଯ୍ୟନ୍ତ ସମସ୍ତଙ୍କ ଉଦ୍ୟମ ଓ ସମନ୍ୱୟ ର ଆବଶ୍ୟକ ରହିଛି.ସରକାର ଙ୍କ ବିଭିନ୍ନ ଯୋଜନା ତାହା କେନ୍ଦ୍ର ସରକାର ଙ୍କ ଯୋଜନା ହେଉ କିମ୍ବା ରାଜ୍ୟ ସରକାର ଙ୍କ ଯୋଜନା ହେଉ ପ୍ରତ୍ୟେକ ଯୋଜନା ରେ ଅନ୍ତର୍ଭୁକ୍ତ ହେବାକୁ ଥିବା ହିତାଧିକାରୀ ଙ୍କ ମଧ୍ୟରୁ ଯେମିତି ଜଣେ ମାତ୍ର ବି ସମ୍ପୃକ୍ତ ଯୋଜନା ରୁ ବାଦ ନପଡନ୍ତି ସେଥି ପ୍ରତି ତୀକ୍ଷ୍ଣ ଧ୍ୟାନ ଦେବା ଆବଶ୍ୟକ। ତେବେ ଯାଇ ଆମେ ଆମ ଲକ୍ଷ୍ୟ ପୂରଣ କରିବାରେ ସକ୍ଷମ ହେବା ବୋଲି ପ୍ରକାଶ କରିଥିଲେ.ଅନୁଷ୍ଠିତ ଉକ୍ତ ବୈଠକ ରେ ଯୋଜନା ଓ ସଂଯୋଜନା ବିଭାଗ ଯୁଗ୍ମ ସଚିବ ତଥା ଏସ. ଡି. ଜି. ର ନୋଡାଲ ଅଫିସର ଶ୍ରୀ ମନିଷ ଅଗ୍ରୱାଲ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲାପରିଷଦ, ଟିମ ଲିଡର ତଥା ଏସ. ଡି. ଜି. ଟି. ଏମ. ୟୁ.ଶ୍ରୀ ସୁନ୍ଦର ନାରାୟଣ ମିଶ୍ର,ଏସ. ଡି. ଜି. ର ସହକାରୀ ନିର୍ଦ୍ଦେଶକ, ଉପାସନା ମହାପାତ୍ର ପ୍ରମୁଖ ଙ୍କ ସମେତ ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ ବ୍ଲକ ଅଧିକାରୀ ମାନେ ଉକ୍ତ ପ୍ରଶିକ୍ଷଣ ରେ ଅଂଶ ଗ୍ରହଣ କରିଥିଲେ।

## ଉତ୍କଳ ସାମ୍ବାଦିକ ସଂଘ ଖୋର୍ଦ୍ଧା ଜିଲ୍ଲାର ଜାତୀୟ ପ୍ରେସ୍ ଦିବସ ପାଳିତ

ଖୋର୍ଦ୍ଧା,(ପି.ଏନ):ଉତ୍କଳ ସାମ୍ବାଦିକ ସଂଘ ଖୋର୍ଦ୍ଧା ଜିଲ୍ଲା ଆନୁକୂଲ୍ୟରେ ସ୍ଥାନୀୟ ସାଂସ୍କୃତିକ ଭବନରେ ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇଯାଇଅଛି। ଦୁର୍ନିତିମୁକ୍ତ ସମାଜ ଗଠନରେ ଗଣମାଧ୍ୟମର ଭୂମିକା ଶୀର୍ଷକ ଅଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ସଂଘ ଜିଲ୍ଲା ସଭାପତି ପ୍ରଭାତ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଆଲୋଚନାଚକ୍ରରେ ଅତିରିକ୍ତ ଜିଲ୍ଲାପାଳ, ଖୋର୍ଦ୍ଧା ମନୋଜ ପାଢୀ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ସମ୍ମାନୀତ ଅତିଥିଭାବେ ପୂର୍ବତନ ଜିଲ୍ଲାପାଳ ଦେବରାଜ ସେନାପତି, ଜଟଣୀ ବସ୍ତିବାସିନ୍ଦା ସଂଘର ସଭାପତି ତଥା ସାମଜିକ କର୍ମୀ ଯୋଗେଶ ନାୟକ, ଖୋର୍ଦ୍ଧା ଅତିରିକ୍ତ ଆଂଚଳିକ ପରିବହନ ଅଧିକାରୀ ଅରବିନ୍ଦ ନାୟକ ପ୍ରମୁଖ ଅତିଥିଭାବେ ଯୋଗଦେଇଥିବା ବେଳେ ସଂଘର ଉପଦେଷ୍ଟା ତଥା ସ୍ତମ୍ଭକାର ଉମାଶଙ୍କର ପ୍ରସାଦ ମୁଖ୍ୟବକ୍ତାଭାବେ ଯୋଗଦେଇ ସୁଦୃଢ଼ ରାଷ୍ଟ୍ରଗଠନରେ ଗଣମାଧ୍ୟମର ଭୂମିକା ଗୁରୁତପୂର୍ଣ୍ଣ ରହିଛି ବୋଲି କହିଥିଲେ।

## ନିଖିଳ ଉତ୍କଳ ଶିଶୁମେଳା ସମିତିର ୪୩ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ



ଚଣ୍ଡିଖୋଲ, (ପିଏନ) : ଚଣ୍ଡିଖୋଲ ନିକଟସ୍ଥ ଗାନ୍ଧିଛକ ସ୍ଥିତ ମା ଯଶୋଦା ଉଚ୍ଚ ବିଦ୍ୟାଳୟ ଠାରେ ନିଖିଳ ଉତ୍କଳ ଶିଶୁ ମେଳା ସମିତିର ୪୩ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶିଶୁ ମେଳା ସମିତି ସଭାପତି ଡ଼ଃ ପ୍ରିୟନାଥ ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ କଣ୍ଠଶିଳ୍ପୀ ମାନସୀ ପାତ୍ର ଯୋଗ ଦେଇ ଶିଶୁ ମାନେ ହେଲା ଦେଶ ଓ ଜାତିର ଭବିଷ୍ୟତ, ସେମାନଙ୍କର ଶାରିରୀକ, ବୌଦ୍ଧିକ ଓ ମାନସୀକ ବିକାଶ ଉନ୍ନତି ହେଲେ ଦେଶ ଓ ଜାତିର ଉନ୍ନତି ହେବ ବୋଲି କହିଥିଲେ। ସମ୍ମାନୀତ ଅତିଥି ଭାବେ କଂଟିଗଡ଼ିଆ ଗ୍ରାମପଂଚାୟତ ସମିତିସଭ୍ୟ ଅରୁପାନନ୍ଦ ଜେନା, ପରିବେଶବିତ୍ ଶ୍ରୀନିବାସ ଜେନା ଯୋଗ ଦେଇ ପିଲାମାନଙ୍କୁ ଶୁଭାର୍ଶିବାଦ ପ୍ରଦାନ କରିଥିଲେ। ଦୁଇ ଦିନ ଧରି ଚାଲିଥିବା ଏହି ଉତ୍ସବରେ ସଙ୍ଗୀତ , ନୃତ୍ୟ, ବକ୍ତୃତା, ସାଧାରଣ ଜ୍ଞାନ ବିଭାଗରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରାଯିବା ସହ ବିଶିଷ୍ଟ କବି, ଆଦର୍ଶ ଶିକ୍ଷକ/ଶିକ୍ଷୟତ୍ରୀ, ଅଙ୍ଗନବାଡ଼ି କର୍ମୀ, ସମ୍ପାଦକ, ସମ୍ବାଦପତ୍ର ବିତରକ ଆଦି ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଡ଼ଃ ସୁଧିର ଚରଣ ସାମଲ, ଅଧ୍ୟାପକ ଅରୁଣ କୁମାର ନାୟକ, ଜଗନ୍ନାଥ ସମାନ୍ତରାୟ, ଦୀପ୍ତିଶ୍ରୀ ମହାପାତ୍ର, ବିପିନ ବିହାରୀ ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ସମ୍ପାଦକ ଶରତ ଚନ୍ଦ୍ର ନାୟକ ବାର୍ଷିକ ବିବରଣୀ ପାଠ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

## ବାରିପଦାରେ ଜିଲ୍ଲାସ୍ତରୀୟ ଜାତୀୟ ପ୍ରେସ ଦିବସ ପାଳିତ

ବାରିପଦା,(ପି.ଏନ): ଆଜି ଅପରାହ୍ନ ରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରସ୍ଥିତ ଫେସିଲିଟେସନ ସେଣ୍ଟର ଠାରେ ଜାତୀୟ ପ୍ରେସ ଦିବସ - ୨୦୨୨ ମୟୁରଭଞ୍ଜ ଜିଲ୍ଲପାଳ ଶ୍ରୀଯୁକ୍ତ ବିନୀତ ଭରଦ୍ୱାଜଙ୍କ ଅଧ୍ୟକ୍ଷତା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଚଳିତ ବର୍ଷର ଆଲୋଚ଼ନା ର ଶୀର୍ଷକ ରାଷ୍ଟ୍ର ନିର୍ମାଣ ରେ ଗଣମାଧ୍ୟମର ଭୁମକା ଉପରେ ଆଲୋଚ଼ନା ହୋଇଥିଲା। ଏହି ପରିପ୍ରକ୍ଷୀ ରେ ଜିଲ୍ଲପାଳ କହିଥିଲେ ଯେ ସାମ୍ପ୍ରତିକ ପରିସ୍ଥିତି ରେ ଗଣମାଧ୍ୟମ ସମାଜ ରେ ଏକ ଗୁରୁତ୍ୱ ପୂର୍ଣ୍ଣ ଭୂମିକା ନିର୍ବାହ କରୁଛି। ଏହାର ଅନୁପସ୍ଥିତି ରେ ପ୍ରଗତି ଅସମ୍ଭବ ଗଣତନ୍ତ୍ର ର ଚ଼ତୁର୍ଥ ସ୍ତମ୍ଭ କୁହାଯାଉଥିବା ଏହି ସ୍ତମ୍ଭ ପ୍ରକୃତ ରେ ସୁଦୃଢ଼ ସ୍ତମ୍ଭ.କାରଣ ବର୍ତ୍ତମାନ ଗଣ ମାଧ୍ୟମ ର ପରିସର ଯେଉଁଭଳି ବ୍ୟାପକ ହୋଇଛି ସେଥିରେ ସାମ୍ବାଦିକତା କ୍ଷେତ୍ର ରେ ବାହ୍ୟ ଚ଼ାପ ଅପେକ୍ଷା ଆତ୍ମ ନିୟନ୍ତ୍ରଣ ର ଅଧିକ ଆବଶ୍ୟକତା ଅଛି ବୋଲି ବ୍ୟକ୍ତ କରିବା ସହ ପ୍ରଶାସନ ସପକ୍ଷରେ ପ୍ରକାଶିତ ସମ୍ବାଦ ଅପେକ୍ଷା ବିପକ୍ଷ ରେ ପ୍ରକାଶିତ ସମ୍ବାଦ ଉପରେ ବେଶୀ ଗୁରୁତ୍ୱ ଦିଅନ୍ତି ବୋଲି ସ୍ପଷ୍ଟ କରିଥିଲେ। ସେହିପରି ଅତିରିକ୍ତ ଜିଲ୍ଲପାଳ ଶ୍ରୀଯୁକ୍ତ ରୁଦ୍ର ନାରାୟଣ ମହାନ୍ତି କହିଥିଲେ କି ରାଷ୍ଟ୍ର ନିର୍ମାଣ ରେ ସମ୍ବାଦିକତା ର ଭୂମିକା ଅତ୍ୟନ୍ତ ଗୁରୁତ୍ୱ ପୂର୍ଣ୍ଣ। ସେଥିପାଇଁ ଗଣମାଧ୍ୟମ ର ପ୍ରତିନିଧି ମାନେ ଏକ ଜନ ମଙ୍ଗଳ ରାଷ୍ଟ୍ର ରେ ସର୍ବଦା ସତ୍ୟନିଷ୍ଠ ସମ୍ବାଦ ପରିବେଷଣ କରିବା ପାଇଁ ଯତ୍ନବାନ ହେବା ସହିତ ଆମ ଗଣତନ୍ତ୍ର କୁ ସୁଦୃଢ କରି ପ୍ରେସର ମର୍ଯ୍ୟାଦା କୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ପରାମର୍ଶ ଦେଇଥିଲେ. ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ଶୈଳତ ଚ଼ନ୍ଦ୍ରକାର ତାଙ୍କ ବକ୍ତବ୍ୟ ରେ ଗଣମାଧ୍ୟମକୁ ପ୍ରଗତିର ଉତ୍ସ ବୋଲି ଅଭିହିତ କରିଥିଲେ। ସେହିପରି ପରି ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଶ୍ରୀ ସୁରେଶ ଚ଼ନ୍ଦ୍ର ପାତ୍ର ମହାଭାରତର ସତ୍ୟବାଦୀ ଯୁଧିଷ୍ଠିରଙ୍କ ଉଦାହରଣ ଦେଇ ରାଷ୍ଟ୍ର ର ମଙ୍ଗଳ ପାଇଁ ଅନ୍ୟକୁ କ୍ଷତି ନ ପହଞ୍ଚାଇ ଯଦି ନିତ୍ୟାନ୍ତ ଆବଶ୍ୟକ ପଡେ ତେବେ ପ୍ରକୃତ ସତ୍ୟ ଠାରୁ ପୂର୍ଣ୍ଣ ଭାବେ ଦୁରେଇ ନଯାଇ କିଛି ମାତ୍ରାରେ କମ ପ୍ରକାଶ କରି ରାଷ୍ଟ୍ର ନିର୍ମାଣ ରେ ଜଣେ ନାଗରିକ ହିସାବରେ ତାଙ୍କର ଅବଦାନ କୁ ଉତ୍ତମ ଭାବେ ପ୍ରତିପାଦିତ କରିପାରିବେ ବୋଲି ମତବ୍ୟକ୍ତ କରିଥିଲେ।

## ଗ୍ରାମପଂଚାୟତ ୪ର୍ଥ ଶ୍ରେଣୀ କର୍ମଚାରୀ ସଂଘର ବୈଠକ




ଚଣ୍ଡିଖୋଲ, (ପିଏନ):ବଡ଼ଚଣା ବ୍ଲକ୍ ଅନ୍ତର୍ଗତ ସୋମ୍ପେଶ୍ୱର ମନ୍ଦିର ପରିସରରେ ଯାଜପୁର ଜିଲା ଗ୍ରାମପଂଚାୟତ ୪ର୍ଥ ଶ୍ରେଣୀ କର୍ମଚାରୀଙ୍କର ଏକ ବୈଠକ ବଡ଼ଚଣା ବ୍ଲକ୍ ୪ର୍ଥ ଶ୍ରେଣୀ କର୍ମଚାରୀ ସଭାପତି ଶୁସାନ୍ତ କୁମାର ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ଦିନ ହେଲା ସ୍ୱଳ୍ପ ବେତନରେ କାର୍ଯ୍ୟ କରୁଥିବା ଗ୍ରାମପଂଚାୟତ ପିଅନ, ଝାଡୁଦାର ଓ ରାତି ଜଗୁଆଳୀଙ୍କର ଆର୍ଥିକ ଅବସ୍ଥା ଅତ୍ୟନ୍ତ ଦୟନୀୟ ହୋଇପଡ଼ିଛି। ଏ ସମ୍ପର୍କରେ ସଂଘର ବାରମ୍ବାର ରାଜ୍ୟ ସରକାରଙ୍କ ନିକଟରେ ସମାନ କାମକୁ ସମାନ ଦରମା ପ୍ରଦାନ, ସର୍ବନିମ୍ନ ମଜୁରୀ କମ୍ ହେଉନଥିବ, ଏକ ଷ୍ଟାଣ୍ଡିଙ୍ଗ ଅଡ଼ର ପ୍ରତେକ ଗ୍ରାମପଂଚାୟତକୁ ପ୍ରଦାନ କରିବା, ୨୦୧୪ ମସିହା ୨୫ ନିୟକକୁ କଡ଼ା ସଂଶୋଧନ କରାଯାଇ ପଂଚାୟତରାଜ ବିଧି ବ୍ୟବସ୍ଥାରେ ଅର୍ନ୍ତଭୁକ୍ତ କରିବା, ଇ-ଗଭର୍ଣ୍ଣାନ୍ସ ଆପ୍‌ରେ ନାମ ପଞ୍ଜିକରଣ କରିବା, ଚାକିରୀ କ୍ଷେତ୍ରରେ ସୁରକ୍ଷା ପ୍ରଦାନ, ପଂଚାୟତ ରାଜ ବିଭାଗର ସ୍ୱତନ୍ତ୍ର ବଜେଟ୍ ବ୍ୟବସ୍ଥା କରିବା, ଶିକ୍ଷା ଓ ଯୋଗ୍ୟତା ଭିତିରେ ପଦୋନିତି ଆଦି ଦାବୀ ଉପରେ ଆଲୋଚନା କରାଯାଇଥିଲା। ଏହି ସମ୍ପର୍କରେ ସଂଘ ତରଫରୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ପଂଚାୟତରାଜ ମନ୍ତ୍ରୀ, ୫ଟି ସଚିବ, ଓଡ଼ିଶାର ସରକାର ପ୍ରମୁଖ ସାଶନ ସଚିବ, ସୁଚନା ଲୋକ ସମ୍ପର୍କ ବିଭାଗ, ଆଇନ ମନ୍ତ୍ରୀ, ଶ୍ରମ ନିୟୋଜନ ବିଭାଗଙ୍କୁ ବାରମ୍ବାର ଦାବୀ କଲେ ମଧ୍ୟ କୌଣସି ଫଳ ମିଳୁ ନାହିଁ। ତୁରନ୍ତ ଦାବୀ ପୁରଣ କରାନଗଲେ ଆଗାମୀ ଦିନରେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ସଂଘ ଚେତାବନୀ ଦେଇଛି। ଏହି ବୈଠକରେ ଜିଲ୍ଲା ସଭାପତି ବଳରାମ ଚୁହାଣ, ଜିଲ୍ଲା ସମ୍ପାଦକ ଗଙ୍ଗାଧର ରାଉତ, ବଡ଼ଚଣା ବ୍ଲକ୍ ସମ୍ପାଦକ ଲକ୍ଷ୍ମଣ ଦଳାଇ, କୋଷାଧ୍ୟକ୍ଷ ଦିବାକର ତରାଇ, ସହ ସମ୍ପାଦକ ବିଚିତ୍ର ବରାଳ, ଧ୍ରୁବ ଚରଣ ବଳ, ସୁରେନ୍ଦ୍ର ତରାଇ, କୈଳାସ ଦଳେଇ, ଜିତେନ୍ଦ୍ର ସାହୁ, ମହେନ୍ଦ୍ର ବାରିକ, ଶରତ କୁମାର ମଳିକ, କମଳାକାନ୍ତ ସାହୁ, ଅଶୋକ କୁମାର ମହାରଣା, ହଟ କିଶୋର ମଳିକ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

## ଦ୍ୱିତୀୟ ଦିନରେ ମଣି ବରିହା ସ୍ମାରକୀ ଫୁଟବଲ ପ୍ରତିଯୋଗିତା

ବଲାଙ୍ଗିର,(ପି.ଏନ): ଜନ କଲ୍ୟାଣ ଯୁବକ ସଂଘ ଫୁଟବଲ ଏସୋସିଏସନ କାଲସାଏପାଲି ଅନୁକୁଲ୍ୟରେ ପ୍ରଥମ ମଣି ବରିହା ସ୍ମାରକି ପ୍ରତିଯୋଗିତା ଦ୍ୱିତୀୟ ଦିନ ଖୁଜେନପାଲି ଖେଳ ପଡିଆରେ ଅନୁଷ୍ଠିତ ହୋଇଯାଇଛି । ଦ୍ୱିତୀୟ ଦିନର ଖେଳ ଅନୁଷ୍ଠିତ ହୋଇଥିଲା । ପ୍ରଥମ ମ୍ୟାଚ ବିଏମ୍ ?ସି କୁ ବାଗଭାଡି ଟ୍ରାଇବ୍ରେକର ରେ ୨-୧ ରେ ପରାସ୍ତ କରିଥିଲା । ଦ୍ୱିତୀୟ ମ୍ୟାଚରେ ଅମାମୁଣ୍ଡାକୁ ଖଲିଆପାଲି ୧-୦ ଗୋଲରେ ପରାସ୍ତ କରିଥିଲା ଏବଂ ତୃତୀୟ ମ୍ୟାଚ ବାଗଭାଡି କୁ ଖଲିଆପାଲି ଟ୍ରାଇବ୍ରେକରରେ ୧-୦ ଗୋଲରେ ପରାସ୍ତ କରି ସେମିଫାଇନାଲ କୁ ପ୍ରବେଶ କରିଛି । ଅତିଥି ଭାବରେ ଖୁଜେନପାଲି ଗ୍ରା.ପ. ସରପଂଚ ରଞ୍ଜିତା ପାଣିଗ୍ରାହୀ, ହେମନ୍ତ ବେହେରା, ସଂଗ୍ରାମ ବହିଦାର ଉପସ୍ଥିତ ଥିଲେ । ମ୍ୟାଚରେ ନରସିଂହ ନାଏଡୁ, ଶରତ ନନ୍ଦ, ଅବଦୁଲ ମୁଜିବ, ଖଲିଉର ରହେମାନ, ରାଜେନ୍ଦ୍ର ଧରୁଆ, ସଞ୍ଜିବ ମହାରଣା, ପ୍ରଫୁଲ୍ଲ ବଗର୍ତି, କାର୍ତିକ ବଗର୍ତି ଓ ମ୍ୟାଚ କମିସନର ଭାବରେ ସୁନିଲ ବିଶ୍ୱାଲ ଖେଳ ପରିଚାଳନା କରିଥିଲେ । ମ୍ୟାନ ଅଫ୍ ଦି ମ୍ୟାଚ ମୁରଲି ଭୋଇ, ଅଭିମନ୍ୟୁ ପାଣ୍ଡେ ଓ କାହ୍ନା ଭୁଏ ପାଇଥିଲେ । ବିନୋଦ କାଲସାଏ, ଦେବାଶିଷ କାଲସାଏ, ଶଙ୍କର ଦିପ, ସୁଦାମ କାଲସାଏ, ମହାଦେବ କାଲସାଏ, ରାହାସ କାଲସାଏ, ଲାଲ ମଣି କାଲସାଏ, ଚକ୍ରରାଜ କାଲସାଏ, ବୁନୁ ତାଣ୍ଡି, ଅଜିତ କାଲସାଏ ଓ ଜନ କଲ୍ୟାଣ ସଂଘର ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।

## ଆମ ଆଦମୀ ପାର୍ଟି ପକ୍ଷରୁ ଚଣ୍ଡିଖୋଲରେ କାର୍ଯ୍ୟକର୍ତ୍ତା ସମ୍ମିଳନୀ ଅନୁଷ୍ଠିତ



ଦର୍ପଣ,(ପି.ଏନ):ବଡଚଣା ନିର୍ବାଚନ ମଣ୍ଡଳି ଅନ୍ତର୍ଗତ ଚଣ୍ଡିଖୋଲ ଛକଠାରେ ଆମ ଆଦମୀ ପାର୍ଟି ପକ୍ଷରୁ କାର୍ଯ୍ୟକର୍ତା ସମ୍ମିଳନୀ ଓ ଏକ କାର୍ଯ୍ୟାଳୟ ଗୃହ ଆନୁଷ୍ଠାନିକ ଭାବେ ଉଦଘାଟିତ ହୋଇଯାଇଛି। ଏହି ସମ୍ମମିଳନୀରେ ଉଦଘାଟକ ଭାବେ ରାଜ୍ୟ ଆମ ଆଦମୀ ପାଟୀର ମୁଖପାତ୍ର ରଙ୍ଗାଚରଣ ପ୍ରଧାନ ମୁଖ୍ୟ ଅତିଥି ଭାବେ ରାଜ୍ୟ ଉପସଭାପତି ଦୁର୍ଗାପ୍ରସାଦ ଦାସ, ଯାଜପୁର ଜିଲ୍ଲା ସଭାପତି ମନୋଜ କୁମାର ମହାନ୍ତି, ବର୍ଷିୟାନ ନେତା ଗୋପୀନାଥ ମହାପାତ୍ର, ବଡଚଣା ବ୍ଲକ ସଭାପତି ନଗେଶ କୁମାର ଜେନା, ଯାଜପୁର ଲୋକସଭା ପାର୍ଥୀ କାଳନ୍ଦୀ ଚରଣ ମଲିକ,ଶ୍ରୀମତୀ ଆରତୀ ମିଶ୍ର, ଶିବନାରାୟଣ ଦେବତା, କାର୍ତିକ ସେନାପତି, ବରୀ ନିର୍ବାଚନ ମଣ୍ଡଳିର ପୂର୍ବତନ ବିଧାୟକ ପ୍ରାର୍ଥୀ ପୁଲିଙ୍ଗ ଖୁଂଟିଆ ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଅତିଥି ସମେତ ସମସ୍ତ ଆମ ଆଦମି ପାର୍ଟିର କର୍ମୀମାନେ ଚଣ୍ଡିଖୋଲ ଛକ ପରିଭ୍ରମଣ କରି ଭଗବାନ ଗୌତୁମ ବୁଦ୍ଧଙ୍କ ପ୍ରତିମୂର୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ସଭାମଂଚ ପାଖରେ ପହଂଚିଥିଲେ। କାର୍ଯ୍ୟାଳୟ ଗୃହକୁ ଉଦଘାଟକ ରଙ୍ଗାଚରଣ ପ୍ରଧାନ ଆନୁଷ୍ଠାନିକ ଭଅବେ ଉଦଘାଟନ କରିଥିଲେ। ଆୟୋଜିତ ସଭାରେ ଗୋପୀନାଥ ମହାପତ୍ର ଅଧ୍ୟକ୍ଷତା କରିଥିଲେ। ଉଦଘାଟକ ସମେତ ଅତିଥି ମାନେ ପ୍ରଦୀପ ଉଜ୍ୱଳନ କରିଥିଲେ। ରାଜ୍ୟରେ ଦୀର୍ଘ ୨୨ ବର୍ଷ ସରକାର ଚାଲିଥିଲେ ହେ ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ସମ୍ପୂର୍ଣ୍ଣଭାବେ ବିପର୍ଯ୍ୟସ୍ତ ହୋଇଯାଇଛି। ଯେଉଁଭଳୀ ଭାବେ ପ୍ରତ୍ୟେକ ଦିନ ନାରୀ ନିର୍ଯ୍ୟାତନ ଘଟିଚାଲିଛି ସେଥିପ୍ରତି ରାଜ୍ୟ ସରକାରଙ୍କର ଆଦୌ ଦୃଷ୍ଟି ପଡୁନାହିଁ ଓ ଆଜି ପର୍ଯ୍ୟନ୍ତ ନାରୀ ମାନଙ୍କ ପ୍ରତି ସୁରକ୍ଷା ମଧ ଦିଆଯାଉପାରୁ ନାହିଁ। ଯେଉଁଭଳି ଭାବେ ଦୁର୍ନୀତି ଓ ଭ୍ରଷ୍ଟାଚାର ଚାଲୁ ରହିଛି ତାହାକୁ ପରିବର୍ତନ କରିବା ପାଇଁ ଆମ ଆଦିମ ପାର୍ଟିର ମୁଖ୍ୟ ପୁରୋଧା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିଓାଲ ଯେଉଁ ଆହ୍ୱନ ଦେଇଛନ୍ତି ଆମେ ସମସ୍ତେ ଏକଜୁଟ ହୋଇ ରାଜ୍ୟରେ ଚାଲିଥିବା ଭ୍ରଷ୍ଟାଚାର ଶାସନ ବିରୁଦ୍ଧରେ ଜନମତ ସୃଷ୍ଟି କରିବାର ଆବଶ୍ୟକତା ରହିଛି। ଅରବିନ୍ଦ କେଜ୍ରିଓାଲଙ୍କ ନେତୃତ୍ୱରେ ଦିଲ୍ଲୀରେ ଆମ ଆଦମି ପାଟି ସରକାର ଚାଲୁରହିଛି ଓ ପଞ୍ଜାବରେ ସରକାର ଚାଲୁ ରହିଛି ସେଠାରେ ଜନସେବା କରାଯାଇ ଜନପ୍ରିୟତା ହାସଲ କରାଯାଇଛି। ଆସନ୍ତା ୨୦୨୪ ନିର୍ବାଛନରେ ଓଡିଶାରେ ଆମ ଆଦମୀ ପାଟୀ ସପକ୍ଷରେ ଜନମତ ସୃଷ୍ଟି କରି ଯଦି ବିଜୟ ହାସଲ କରାଯାଏ ତାହାଲେ ଶିକ୍ଷା, ବିଦ୍ୟୁତ ଓ ପିଇବା ପାଣିର ସମସ୍ତ ସୁବିଧା ଜନସାଧାରଣଙ୍କୁ ଦିଆଯିବ ବୋଲି ଉଦଘାଟକ ସମେତ ସମସ୍ତ ଅତିଥିବୃନ୍ଦ ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ। ଉକ୍ତ ସଭାରେ ମଂଚ ପରିଚାଳନା କରିଥିଲେ ସୌମ୍ୟ ପ୍ରଧାନ ଓ ଗୋରଖନାଥ ଧନ୍ୟବାଦ ଅର୍ପଣ କରିଥିଲେ।








Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray